

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:52✦11 June 2026 (Thursday) ✦ Rourkela ✦ Rs.2.00 ✦ Page -1 ✦୨୨ ବର୍ଷ ✦ସଂଖ୍ୟା:୫୨✦୧୧ ଜୁନ୍ ୨୦୨୬ (ଗୁରୁବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


## ଭାରତୀୟ ସେନାର ସବୁଠାରୁ ବଡ଼ ପ୍ରତିରକ୍ଷା ପ୍ରକଳ୍ପ :

### କିଣାଯିବ ୨୩,୦୦୦ କୋଟିର 'କେ୯ ବଜ୍ର' ତୋପ



ନୂଆଦିଲ୍ଲୀ,୧୦/୬: ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ପାଇଁ ଭାରତୀୟ ସେନା ବିଗତ କେତେକ ଦଶନ୍ଧି ମଧ୍ୟରେ ତା'ର ସବୁଠାରୁ ବଡ଼ ଆର୍ଟିଲାରୀ ଆଧୁନିକୀକରଣ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛି । ପ୍ରତିରକ୍ଷା ସୂତ୍ର ଅନୁଯାୟୀ, ଚୀନ ସୀମାନ୍ତ (ଏଲଏସି) ଓ ପାକିସ୍ତାନ ସହ ଜଡ଼ିତ ପଶ୍ଚିମ ସୀମାରେ ଦୂରଗାମୀ ଆକ୍ରମଣ କ୍ଷମତା ବୃଦ୍ଧି ପାଇଁ ପ୍ରାୟ ୨୩,୦୦୦ କୋଟି ଟଙ୍କା ବ୍ୟୟରେ ଆଉ ୩୦୦ରୁ ଅଧିକ 'କେ୯ ବଜ୍ର' ସେଲ୍ଫ-ପ୍ରୋପେଲ୍ଡ ହୋୱିଜର ତୋପ କିଣିବା ପାଇଁ ସେନା ପକ୍ଷରୁ ଏକ ବଡ଼ ପ୍ରସ୍ତାବ ଚଳିତ ସପ୍ତାହରେ ପ୍ରତିରକ୍ଷା କ୍ରୟ ବୋର୍ଡ (ଡିପିବି) ସମ୍ମୁଖରେ ଉପସ୍ଥାପନ କରାଯିବ । ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିବା ପରେ ଏହାର ନିର୍ମାଣ ଦାୟିତ୍ୱ ଭାରତୀୟ କମ୍ପାନୀ ଲାର୍ସେନ୍ ଆଣ୍ଡ ଟୁବ୍ରୋ (ଏଲଆଣ୍ଡଟି) କୁ ମିଳିବ, ଯିଏକି ଦକ୍ଷିଣ କୋରିଆର ପ୍ରତିରକ୍ଷା ସଂସ୍ଥା ''ହାନୱା ଏରୋସ୍ପେସ୍'' ସହ ସହଭାଗିତାରେ ଭାରତରେ ଏହାର ସ୍ୱଦେଶୀ ନିର୍ମାଣ କରୁଛି । ଏହି ନୂତନ କ୍ରୟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେଲେ ଭାରତୀୟ ସେନାରେ 'କେ୯ ବଜ୍ର' ତୋପର ମୋଟ ସଂଖ୍ୟା ୫୦୦ ଅତିକ୍ରମ କରିବ, ଯାହା ସାମ୍ପ୍ରତିକ ସୁରକ୍ଷା ମାହୋଲରେ ଦେଶର ସାମରିକ ସ୍ଥିତିକୁ ସମ୍ପୂର୍ଣ୍ଣ ବଦଳାଇ ଦେବ । ବାସ୍ତବରେ, 'କେ୯ ବଜ୍ର' ହେଉଛି ଏକ ୧୫୫ ମିଲିମିଟର/୫୨-କ୍ୟାଲିବରର ଟ୍ରାକ୍ଡ ସେଲ୍ଫ-ପ୍ରୋପେଲ୍ଡ ଆର୍ଟିଲାରୀ ପ୍ଲାଟଫର୍ମ, ଯାହା ୪୦ କିଲୋମିଟରରୁ ଅଧିକ ଦୂରରେ ଥିବା ଶତ୍ରୁ ଘାଟିକୁ ସଫଳତାର ସହ ଧ୍ୱଂସ କରିପାରେ । ଏହାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି 'ସୁଟ୍-ଆଣ୍ଡ-ସ୍କୁଟ୍' ପ୍ରତିରକ୍ଷା କୌଶଳ, ଅର୍ଥାତ୍ ଏହା ଅତି ଦ୍ରୁତ ଗତିରେ ଗୋଳାବାରୁଦ ମାଡ଼ କରି ସେହି ସ୍ଥାନରୁ ନିଜର ସ୍ଥିତି ବଦଳାଇ ଦେଇଥାଏ, ଯାହା ଫଳରେ ଶତ୍ରୁ ସେନା ଏହାର ପ୍ରତି-ଆକ୍ରମଣ କରିପାରେ ନାହିଁ । ପୂର୍ବରୁ ୨୦୧୭ରେ ଭାରତ ୪,୫୦୦ କୋଟି ଟଙ୍କାରେ ପ୍ରଥମ ୧୦୦ଟି ତୋପ ପାଇଁ ଚୁକ୍ତି କରିଥିଲା ଏବଂ ୨୦୨୩ରେ ଆଉ ୧୦୦ଟି ତୋପ ପାଇଁ ୭,୬୦୦ କୋଟିର ଦ୍ୱିତୀୟ ଅର୍ଡର ଦିଆଯାଇଥିଲା । ଲଦାଖର ଅତି ଥଣ୍ଡା ଏବଂ ଉଚ୍ଚ ପାର୍ବତ୍ୟ ଅଂଚଳରେ ଏହି ତୋପର ସଫଳ ପରୀକ୍ଷଣ ପରେ ସେନା ଏହାକୁ ଚୀନ ସୀମାରେ ମଧ୍ୟ ବ୍ୟାପକ ଭାବେ ମୁତୟନ କରିବାକୁ ନିଷ୍ପତ୍ତି ନେଇଛି, ଯାହା ଭବିଷ୍ୟତ ଯୁଦ୍ଧ ପାଇଁ ଭାରତୀୟ ସେନାକୁ ଅଧିକ ଶକ୍ତିଶାଳୀ ଓ ପ୍ରସ୍ତୁତ କରିବ ।

## ଇରାନ ସହ ୟୁଏଇର ଗୁପ୍ତ ଡିଲ୍

### ଏଣିକି ଦୁବାଇ-ଆବୁଧାବି ଉପରେ ହେବନି ଆକ୍ରମଣ !



ନୂଆଦିଲ୍ଲୀ,୧୦।୬: ମଧ୍ୟ-ପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଏକ ବଡ଼ ଧରଣର ଭୂ-ରାଜନୈତିକ ହଲଚଲ ଦେଖିବାକୁ ମିଳିଛି । କତାର୍ ପରେ ଏବେ ସଂଯୁକ୍ତ ଆରବ ଏମିରେଟ୍ସ (ଟଇର) ନିଜର ସୁରକ୍ଷା ପାଇଁ ଇରାନ ସହିତ ଏକ ଗୁପ୍ତ ଚୁକ୍ତି କରିଥିବା ନେଇ ଦାବି ହୋଇଛି । ଇସ୍ରାଏଲ୍ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଏହି ଚୁକ୍ତି ଅଧୀନରେ ଟଇର ତେହେରାନକୁ ୩ ବିଲିୟନ ଡଲାର ପଠାଇଛି । ଏହାର ବଦଳରେ ଇରାନ ଚାଲୁ ରହିଥିବା ମହାଯୁଦ୍ଧ ସମୟରେ ଟଇର ର ପ୍ରମୁଖ ସହର ଦୁବାଇ କିମ୍ବା ଆବୁଧାବି ଉପରେ କୌଣସି ପ୍ରକାରର ସାମରିକ ଆକ୍ରମଣ କରିବ ନାହିଁ । ତେବେ ଅନ୍ୟପଟେ ଇରାନ ଏହି ଚୁକ୍ତିକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛି । ଇରାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ରଙ୍କ କହିବାନୁସାରେ, ଏଭଳି କୌଣସି ଡିଲ୍ ହୋଇନାହିଁ କିମ୍ବା ତେହେରାନକୁ ଏଭଳି କୌଣସି ଅର୍ଥ ମିଳିନାହିଁ । ଇସ୍ରାଏଲର ଗଣମାଧ୍ୟମ ସଂସ୍ଥାର ରିପୋର୍ଟ ଅନୁଯାୟୀ, କିଛି ଦିନ ପୂର୍ବେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଟଇରରୁ ତେହେରାନକୁ ୩ ବିଲିୟନ ଡଲାରର ସମ୍ପତ୍ତି ସ୍ଥାନାନ୍ତର କରାଯାଇଛି । ତେବେ ଏହି ସମ୍ପତି ମଧ୍ୟରେ କେତେ ପରିମାଣର ନଗଦ ଟଙ୍କା ଥିଲା ଏବଂ କେତେ ପରିମାଣର ସାମଗ୍ରୀ ଥିଲା, ସେ ନେଇ ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶ କରାଯାଇ ନାହିଁ ।

## ଓଡ଼ିଶାରେ ଭତା ସମସ୍ୟା ଦୂର ନହେଲେ, ନେବିନି ବିଧାୟକ ଭତା : ଗୌତମବୁଦ୍ଧ ଦାସ

ଭୋଗରାଇ,୧୦/୬(ନି/ପ୍ର): ଯେବେ ପର୍ଯ୍ୟନ୍ତ ବୃଦ୍ଧବୃଦ୍ଧାଙ୍କୁ ଭତା ମିଳିବ ନାହିଁ, ସେ ପର୍ଯ୍ୟନ୍ତ ନେବିନି ବିଧାୟକ ଭତା । ଭତା ସମସ୍ୟା ରାଜ୍ୟରେ ଏକ ବଡ଼ ପ୍ରସଙ୍ଗ ଭାବେ ଉଭା ହୋଇଥିବା ବେଳେ, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଏଭଳି ଚିଠି ଲେଖିଛନ୍ତି ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ । ସେ ଲେଖିଛନ୍ତି, ୩ ମାସ ହେଲା ରାଜ୍ୟର ୨୨ ଲକ୍ଷ ଅସହାୟ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ, ବିଧବା ଓ ସମାଜର ଅବହେଳିତ ବର୍ଗର ଲୋକେ ମାସିକ ସାମାଜିକ ସୁରକ୍ଷା ଭତ୍ତା ପାଇନାହାନ୍ତି । ପ୍ରଚଣ୍ଡ ଖରା ଓ ଗ୍ରୀଷ୍ମପ୍ରବାହରେ ସେମାନେ ପ୍ରତିଦିନ ବ୍ୟାଙ୍କ, ପଚାଂୟତ କିମ୍ବା ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇ ଫେରୁଛନ୍ତି । ଜୀବନରକ୍ଷାକାରୀ ଔଷଧ କିଣିବା ପାଇଁ ମଧ୍ୟ ସେମାନଙ୍କ ପାଖରେ ଟଙ୍କା ନାହିଁ । ତେବେ ଯେଉଁ ପର୍ଯ୍ୟନ୍ତ ଏହି ୨୨ ଲକ୍ଷ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ଓ ଅନ୍ୟ ଅସହାୟ ମାନଙ୍କୁ ସେମାନଙ୍କ ବକେୟା ଭତା ଦିଆଯାଇନାହିଁ, ସେ ପର୍ଯ୍ୟନ୍ତ ମୋ ଆକାଉଟଂକୁ ବିଧାୟକ ଭତା ମଧ୍ୟ ଦିଅନ୍ତୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ଗୌତମ ବୁଦ୍ଧ ଦାସ । ଭତା ସମସ୍ୟାକୁ କେବଳ ବ୍ୟବସ୍ଥାଗତ ବା ଯାନ୍ତ୍ରିକ ତ୍ରୁଟି ଜନିତ ସମସ୍ୟା କହି ସରକାର କେତେ ଦିନ ନିରବ ବସିବେ ବୋଲି ପ୍ରଶ୍ନ କରିଛନ୍ତି ବିଧାୟକ ।



## ଭାରତ ମୁତୟନ କଲା ୧୨ ପରମାଣୁ ଯୁଦ୍ଧାସ୍ତ୍ର

ନୂଆଦିଲ୍ଲୀ,୧୦/୬: ନିଜର ଜଳ ସୀମାର ସୁରକ୍ଷା ଲାଗି ଭାରତ ପରମାଣୁ ଶକ୍ତିସମ୍ପନ୍ନ ଯୁଦ୍ଧାସ୍ତ୍ର ମୁତୟନ କରିଛି । ନିଜର ପରମାଣୁ ରଣନୀତିରେ ବଡ ପରିବର୍ତ୍ତନ କରିବା ପୂର୍ବକ ଭାରତ ୧୨ଟି ପରମାଣୁ ଯୁଦ୍ଧାସ୍ତ୍ରକୁ ଏହାର ଆଣବିକ କ୍ଷମତା ସମ୍ପନ୍ନ ବୁଡାଜାହାଜ ଆଇଏନଏସ୍ ଅରିଘାତରେ ମୁତୟନ କରିଛି । ଇତିହାସରେ ପ୍ରଥମ ଥର ପାଇଁ ଶାନ୍ତି ସମୟରେ ଭାରତ ପରମାଣୁ କ୍ଷମତାଧାରୀ ଯୁଦ୍ଧାସ୍ତ୍ରକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅବସ୍ଥାରେ (ରେଡି ଟୁ ଫାୟାର) ମୁତୟନ କରିଛି । ପ୍ରତିରକ୍ଷା ଓ ଅସ୍ତ୍ରଶସ୍ତ୍ର ଉପରେ ନଜର ରଖୁଥିବା ବିଶ୍ୱର ପ୍ରମୁଖ ସଂସ୍ଥା 'ଷ୍ଟକହୋମ୍ ଇଟଂରନ୍ୟାସନାଲ୍ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍'(ଏସ୍ଆଇପିଆରଆଇ)ର ରିପୋର୍ଟ ଅନୁଯାୟୀ ଭାରତ ନିଜର ପରମାଣୁ ରଣନୀତିରେ ଏକ ବଡ଼ ପରିବର୍ତ୍ତନ ପୂର୍ବକ ଏପରି ପଦକ୍ଷେପ ନେଇଛି । ସାଧାରଣତଃ ଶାନ୍ତି ସମୟରେ ପରମାଣୁ ବୋମାକୁ କ୍ଷେପଣାସ୍ତ୍ର ଠାରୁ ଅଲଗା ରଖାଯାଉଥିବା ବେଳେ, ପ୍ରଥମ ଥର ପାଇଁ ଭାରତ ୧୨ଟି ପରମାଣୁ ଯୁଦ୍ଧାସ୍ତ୍ରକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅବସ୍ଥାରେ ମୁତୟନ କରିଛି ।

## ଇସ୍ତଫା ଦେଲେ ସାଂସଦ ସୁସ୍ମିତା ଦେବ

କଲକାତା,୧୦/୬: ତୃଣମୂଳକୁ ଆଉ ଏକ ଝଟକା । ଦଳର ରାଜ୍ୟସଭା ସାଂସଦ ସୁସ୍ମିତା ଦେବ ତାଙ୍କ ପଦରୁ ଇସ୍ତଫା ଦେଇ ମମତା ବାନାର୍ଜୀଙ୍କୁ ଆଉ ଏକ ବଡ଼ ଝଟକା ଦେଇଛନ୍ତି । ଗତ କିଛି ଦିନ ଧରି ଦଳ ଭିତରେ ବିଦ୍ରୋହର ଘଟଣା ସାମ୍ନାକୁ ଆସୁଛି ଏବଂ ସୁସ୍ମିତା ଦେବଙ୍କ ଇସ୍ତଫା ଏହାକୁ ଆହୁରି ତୀବ୍ର କରିଛି । ଏହା ପୂର୍ବରୁ, ବରିଷ୍ଠ ତୃଣମୂଳ ନେତା ଏବଂ ରାଜ୍ୟସଭାରେ ଦୀର୍ଘ ସମୟ ଧରି ମୁଖ୍ୟ ସଚେତକ ଥିବା ସୁଖେନ୍ଦୁ ଶେଖର ରାୟ ମଧ୍ୟ ଦଳ ଛାଡିଥିଲେ । ଇସ୍ତଫାର ଏହି ଧାରା ସ୍ପଷ୍ଟ ଭାବରେ ସୂଚିତ କରୁଛି ଯେ ତୃଣମୂଳ କଂଗ୍ରେସ ଭିତରେ ଅସନ୍ତୋଷ ଦ୍ରୁତ ଗତିରେ ବଢୁଛି । ଆସାମର ସିଲଚରର ପୂର୍ବତନ ଲୋକସଭା ସାଂସଦ ସୁସ୍ମିତା ଦେବ ବୁଧବାର ଦିନ ତାଙ୍କ ରାଜ୍ୟସଭା ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି ।

## ଇତିହାସ ରଚିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ :

### ୪,୩୯୯ ଦିନର ସେବା ସହିତ, ନେହେରୁଙ୍କ ଦଶନ୍ଧି ପୁରୁଣା ରେକର୍ଡକୁ ଅତିକ୍ରମ କଲେ



ନୂଆଦିଲ୍ଲୀ,୧୦/୬: ଆଜି ଭାରତୀୟ ରାଜନୀତି ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଟଂ ସ୍ଥାପିତ ହୋଇଛି । ୧୦ ଜୁନ୍ ୨୦୨୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁଠାରୁ ଅଧିକ ସମୟ ପାଇଁ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ରେକର୍ଡ କରିଛନ୍ତି । ତାଙ୍କର ୪,୩୯୯ ଦିନର କାର୍ଯ୍ୟକାଳ ସହିତ, ସେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ରେକର୍ଡକୁ ଅତିକ୍ରମ କରିଛନ୍ତି । ପୂର୍ବରୁ, ଏହି ଐତିହାସିକ ରେକର୍ଡ ପଣ୍ଡିତ ନେହେରୁଙ୍କ ନାମରେ ଥିଲା, ଯିଏ ମେ' ୧୯୫୨ ରୁ ୨୭ ମେ' ୧୯୬୪ ପର୍ଯ୍ୟନ୍ତ କ୍ରମାଗତ ୪,୩୯୮ ଦିନ ପାଇଁ କାର୍ଯ୍ୟ କରିଥିଲେ । ରାଜନୈତିକ ବିଶ୍ଳେଷକଙ୍କ ମତରେ, ମୋଦୀଙ୍କ ରେକର୍ଡ ବିଶେଷ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଏକ ନିରନ୍ତର ଏବଂ ସମ୍ପୂର୍ଣ୍ଣ ନିର୍ବାଚିତ କାର୍ଯ୍ୟକାଳକୁ ପ୍ରତିନିଧିତ୍ୱ କରୁଛି । ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ମୋଟ କାର୍ଯ୍ୟକାଳ ପ୍ରାୟ ୧୪ ବର୍ଷ ଥିଲା, କିନ୍ତୁ ଏହା ନିରନ୍ତର ନଥିଲା । ଏହି ଐତିହାସିକ ସଫଳତା ସହିତ କେନ୍ଦ୍ରର ମୋଦୀ ସରକାର ୧୨ ସଫଳ ବର୍ଷ ପୂରଣ କରିଛନ୍ତି । ଏହି ବିଶେଷ ଅବସରକୁ ପାଳନ କରିବା ପାଇଁ, ଦିଲ୍ଲୀର ଭାରତ ମଣ୍ଡପମରେ ଅପରାହ୍ନ ୩ଟାରେ ଏକ ଗୁରୁତ୍ୱପୂର୍ଣ୍ଣ ଏନଡିଏ ବୈଠକ ଅନୁଷ୍ଠିତ ହେବ । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ଅନେକ ବରିଷ୍ଠ ବିଜେପି ନେତା ଏବଂ ସମସ୍ତ ଏନଡିଏ ସହଯୋଗୀ ଦଳର ମୁଖ୍ୟମାନେ ଯୋଗଦେବେ । ଏହି ବୈଠକରେ ମେଟଂର ଭବିଷ୍ୟତ ରଣନୀତି ଏବଂ ବିଭିନ୍ନ ପ୍ରମୁଖ ରାଜନୈତିକ ପ୍ରସଙ୍ଗ ଉପରେ ଆଲୋଚନା ହେବାର ସମ୍ଭାବନା ଅଛି । ଏହା ସହିତ, ପ୍ରଧାନମନ୍ତ୍ରୀ ମୋଦୀ ଆଜି ଏନଡିଏ ଶାସିତ ରାଜ୍ୟର ସମସ୍ତ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ସହିତ ଏକ ସ୍ୱତନ୍ତ୍ର ବୈଠକ ମଧ୍ୟ କରିବେ । ପରେ, ସେ ଏହି ସମସ୍ତ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ରାତ୍ରୀଭୋଜନର ଆୟୋଜନ କରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ପୂର୍ଣ୍ଣ ରାଜନୈତିକ ଯାତ୍ରାକୁ ଭାରତୀୟ ରାଜନୀତିରେ ସବୁଠାରୁ ଚର୍ଚ୍ଚିତ ଯାତ୍ରା ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ । ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା ତାଙ୍କ ପିତା ରେଳ ଷ୍ଟେସନରେ ଚା' ବିକ୍ରି କରୁଥିଲେ । ରାଜନୀତିରେ ପ୍ରବେଶ କରିବା ପୂର୍ବରୁ, ସେ ଦୀର୍ଘ ସମୟ ଧରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜଣେ ଉତ୍ସର୍ଗୀକୃତ ପ୍ରଚାରକ ଭାବରେ କାର୍ଯ୍ୟ କରିଥିଲେ ।

## ପ୍ରାକ୍ ମୌସୁମୀ ବର୍ଷା ସତ୍ତ୍ୱେ ପ୍ରବଳ ଗୁଳୁଗୁଳି

ଭୁବନେଶ୍ୱର,୧୦/୬(ନି/ପ୍ର): ରାଜ୍ୟରେ ପ୍ରାକ୍-ମୌସୁମୀ ବର୍ଷା ସତ୍ତ୍ୱେ ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି । ବିଶେଷ କରି ଆଜି ବାଲେଶ୍ୱର ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ ଗରମ ଓ ଗୁଳୁଗୁଳି ଜନଜୀବନକୁ ଅତିଷ୍ଠ କରିଥିଲା । ଝାରସୁଗୁଡ଼ାର ସର୍ବୋଚ୍ଚ ତାପମାତ୍ରା ଆଜି ୪୧.୬ ଡିଗ୍ରି, ବଲାଙ୍ଗୀରରେ ୪୧.୬ ଡିଗ୍ରି, ବୌଦ୍ଧରେ ୪୧.୨ ଡିଗ୍ରି, ବରଗଡ଼ରେ ୪୦.୬ ଡିଗ୍ରି, ହୀରାକୁଦ ଓ ତାଳଚେରରେ ୪୦ ଡିଗ୍ରି ଲେଖାଏଁ ତାପମାତ୍ରା ରେକର୍ଡ ହୋଇଯାଇଛି । ଆସନ୍ତା ୧୨ ତାରିଖ ଯାଏଁ ରାଜ୍ୟରେ ଗରମ ଓ ଗୁଳୁଗୁଳି ସ୍ଥିତି ଜାରି ରହିବ । ଏଥିସହ ପ୍ରାକ୍-ମୌସୁମୀ ବର୍ଷା ଯୋଗୁଁ ବି ରାତି ତାପମାତ୍ରାରେ ହ୍ରାସ ଦେଖାଯାଇପାରେ ବୋଲି ଆଂଚଳିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଅନ୍ୟପଟେ, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଜି ଉତର-ପୂର୍ବ ରାଜ୍ୟ, ସମ୍ପୂର୍ଣ୍ଣ ସିକିମ୍ ଓ ହିମାଳୟ ପାଦଦେଶର ପଶ୍ଚିମବଙ୍ଗର କିଛି ଅଂଶରେ ସ୍ପର୍ଶ କରିଛି । ଆସନ୍ତା ୪ରୁ ୫ ଦିନ ମଧ୍ୟରେ ମୌସୁମୀ ବାୟୁ ଓଡ଼ିଶା ସ୍ପର୍ଶ କରିପାରେ ବୋଲି କହିଛି ଭାରତୀୟ ପାଣିପାଗ ବିଭାଗ । ଆସନ୍ତାକାଲି ସମଗ୍ର ଓଡ଼ିଶାରେ ପ୍ରାକ୍-ମୌସୁମୀ ବର୍ଷା ହୋଇପାରେ । ପବନର ବେଗ ଘଟାଂପ୍ରତି ୪୦ରୁ ୫୦ କିମି ରହିବ । ରାଜଧାନୀ ଭୁବନେଶ୍ୱର ଓ ଆଖପାଖ ଅଂଚଳରେ ଆସନ୍ତାକାଲି ପାଗ ମେଘୁଆ ରହିବ ।

## ହର୍ମୁଜ ଠାରୁ ବନ୍ଦର ଆବାସ ପର୍ଯ୍ୟନ୍ତ ଏକକାଳୀନ ଆକ୍ରମଣ କଲା ଆମେରିକା



ୱାସିଂଟନ,୧୦/୬: ମଧ୍ୟପ୍ରାଚ୍ୟରେ ପୁଣି ଥରେ ଯୁଦ୍ଧ ଘନାଇଛି । ଇରାନ ଏକ ଆମେରିକୀୟ ଆପାଚି ହେଲିକପ୍ଟରକୁ ଖସାଇ ଦେବା ପରେ ଟ୍ରମ୍ପ ପ୍ରଶାସନ ତେହେରାନ ଉପରେ ଜୋରଦାର ଆକ୍ରମଣ ଆରମ୍ଭ କରିଛି । କ୍ୱେଶମ୍ ଏବଂ ବନ୍ଦର ଆବାସର ଅନେକ ସ୍ଥାନରେ ଏହି ଆକ୍ରମଣ କରିଛି । ଦିନକ ପୂର୍ବରୁ ଏକ ଉନ୍ନତ ଆମେରିକୀୟ ଆପାଚି ହେଲିକପ୍ଟରକୁ ଖସାଇ ଦେବା ପରେ ଡୋନାଲ୍ଡ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍'ରେ ପ୍ରତିଶୋଧ ନେବା ପାଇଁ ଚେତାବନୀ ଦେଇଥିଲେ । ଆମେରିକାର ସେନା ମଙ୍ଗଳବାର ଘୋଷଣା କରିଥିଲା ଯେ ଓମାନ ଉପକୂଳରେ ଏକ ଆମେରିକୀୟ ଆପାଚି ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବା ପରେ ସେମାନେ ଇରାନ ଉପରେ ଆକ୍ରମଣ ଆରମ୍ଭ କରିଛନ୍ତି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଦୁର୍ଘଟଣା ପାଇଁ ଇରାନକୁ ଦାୟୀ କରିଛନ୍ତି । ସୋସିଆଲ ମିଡିଆରେ ପ୍ରକାଶିତ ଏକ ବିବୃତିରେ ଆମେରିକାର କେନ୍ଦ୍ରୀୟ କମାଣ୍ଡ କହିଛି ଯେ ଏହି ଆକ୍ରମଣ ଇରାନର ଆକ୍ରମଣର ଉପଯୁକ୍ତ ଜବାବ ହେବ । ଟ୍ରମ୍ପ ହେଲିକପ୍ଟର ଖସାଇ ଦେବା ପାଇଁ ଇରାନକୁ ଦାୟୀ କରିବା ଏବଂ ଆମେରିକାର ପ୍ରତିଶୋଧର ଚେତାବନୀ ଦେବା ପରେ ଏହି ଆକ୍ରମଣ ହୋଇଛି । ଇରାନର ସରକାରୀ ଗଣମାଧ୍ୟମ ରିପୋର୍ଟ କରିଛି ଯେ ହରମୁଜ୍ ପ୍ରଣାଳୀର ଏକ ଇରାନୀ ଦ୍ୱୀପରେ ବିସ୍ଫୋରଣ ଶୁଣାଯାଇଛି । ହର୍ମୁଜ ପ୍ରଣାଳୀ ନିକଟରେ ଏକ ହେଲିକପ୍ଟର ଖସାଇ ଦେବା ପାଇଁ ଟ୍ରମ୍ପ ଇରାନକୁ ଦାୟୀ କରିଛନ୍ତି ଏବଂ କହିଛନ୍ତି ଯେ ଆମେରିକାକୁ ଜବାବ ଦେବାକୁ ପଡିବ ।

## କଣ୍ଟେନର ଧକ୍କାରେ ୨ ମୃତ

ଉକର୍ଲୋ/ କେସିଙ୍ଗା,୧୦/୬: ଆଜି ସକାଳେ ଉକର୍ଲୋ ନିକଟସ୍ଥ ଖଜୁରପଡା ସ୍ଥିତ ଅରିହଟଂ ରାଇସମିଲ ସମ୍ମୁଖରେ ଏକ କଣ୍ଟେନର ଧକ୍କାରେ ୨ ଟ୍ରକ୍ ଚାଳକ ମୃତ୍ୟୁବରଣ କରିଛନ୍ତି । ମୃତକ ଦୁଇ ଜଣ ବଲାଙ୍ଗୀର ଜିଲ୍ଲା ବେହେରାପାଲିର ମୁନ୍ନା ଦଳେଇ ଏବଂ କଳାହାଣ୍ଡି କଲମପୁର ବ୍ଲକ ଚୁରାଗାଁ ହିମାଂଶୁ ରାଉତ ବୋଲି ଜଣାପଡିଛି । ଅନ୍ୟତମ ଟ୍ରକ୍ ଚାଳକ ବିକାଶ ସାହୁ, ଗାଡିରୁ ଓହ୍ଲାଇବା ବିଳମ୍ବ କରିବାରୁ ଦୁର୍ଘଟଣାରୁ ବର୍ତ୍ତିଗଲେ । ସୂଚନା ଅନୁଯାୟୀ ଗତ ରାତିରେ ୩ଟି ଟ୍ରକରେ କଲମପୁର ମଣ୍ଡିରୁ ଧାନ ଆଣି ଅରିହଟଂ ରାଇସ ମିଲ ନିକଟରେ ଖାଲି କରିବାକୁ ଟ୍ରକ୍ ଗୁଡ଼ିକ ଛିଡା ହୋଇଥିଲେ । ଆଜି ଭୋରରୁ ଗାଡି ୩ଟି ଲାଇନ୍ ରେ ରଖି ଚାଳକମାନେ ଗାଡିରୁ ଓହ୍ଲାଉଥିଲେ । ସେହି ସମୟରେ ପଛ ପଟୁ ଆସୁଥିବା କଣ୍ଟେନର ହଠାତ୍ ଧକ୍କା ଦେବାରୁ ୨ ଜଣ ଚାଳକ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ ।

## 'ଯୋଜନାର ଗତି ଓ ବିସ୍ତାର ବଢ଼ିଛି' : ଲୋକଙ୍କ ଚାହିବା ଅନୁଯାୟୀ ସରକାର ଯୋଜନା କରୁଛନ୍ତି

ଭୁବନେଶ୍ୱର,୧୦/୬(ନି/ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୨ବର୍ଷରେ ଦେଶର ପ୍ରତିଟି କ୍ଷେତ୍ରରେ ବିକାଶ ହୋଇଛି । ବିକାଶ ଏମିତି ହେଉଛି ଯେ ଆମେ ବିକଶିତ ଭାରତ ଆଡ଼କୁ ଆଗଉଛେ । ୧୨ବର୍ଷରେ ଦେଶରେ ସଡ଼କ, ରେଳପଥ, ଜଳପଥ, ଆକାଶପଥରେ ସଂଯୋଗୀକରଣ ବଢ଼ିଛି । ଦେଶରେ ବହୁତ ବଡ଼ ବଡ଼ ପ୍ରକଳ୍ପ ହୋଇଛି । ଲୋକଙ୍କ ଜୀବନଶୈଳୀରେ ବଡ଼ ପରିବର୍ତ୍ତନ ହୋଇଛି । ସବୁ ବର୍ଗର ଲୋକଙ୍କର ବିକାଶ ହୋଇଛି । ଭାରତ ୫ଟ୍ରିଲିଅନ୍ ଡଲାର ଅର୍ଥନୀତି ଆଡ଼କୁ ଅଗ୍ରସର ହେଉଛି । କାରଣ ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ଦେଶରେ ଯୋଜନାଗୁଡ଼ିକର ଗତି ଓ ବିସ୍ତାର ବଢ଼ିଛି । ସବୁ ବର୍ଗଙ୍କ ପାଇଁ ଯୋଜନା ହୋଇଛି, ସମସ୍ତଙ୍କ ନିକଟରେ ଯୋଜନା ପହଚିଂଛି । ଆଜି ଲୋକସେବା ଭବନ କନଭେନସନ୍ ସେଟଂରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏହିପରି ଭାବେ ୧୨ବର୍ଷର ମୋଦୀ ସରକାରଙ୍କ ସଫଳତାକୁ ବଖାଣିଛନ୍ତି । ସେ ପୂର୍ବର ୟୁପିଏ ସରକାର ଓ ବର୍ତ୍ତମାନର ଏନ୍‌ଡିଏ ସରକାରର କିଛି ଯୋଜନାକୁ ତୁଳନା କରି ମୋଦୀ କିପରି ଯୋଜନାଗୁଡ଼ିକୁ ଗତି ଦେଇଛନ୍ତି ଏବଂ ଦେଶର କୋଣ ଅନୁକୋଣରେ ପହଚାଂଇଛନ୍ତି ତାହା ବର୍ଣ୍ଣନା କରିଥିଲେ । ଶ୍ରୀ ମେଘୱାଲ କହିଥିଲେ, ପୂର୍ବରୁ ଇନ୍ଦିରା ଆବାସ ଯୋଜନା ଥିଲା । ଏଥିରେ ଗୋଟିଏ ଗୋଟିଏ ଗାଁରେ ବର୍ଷକୁ ୨ ରୁ ୩ଜଣଙ୍କୁ ଇନ୍ଦିରା ଆବାସ ମିଳୁଥିଲା । ଏଥିରେ ୫୦ହଜାର ଟଙ୍କା ଦିଆଯାଉଥିବାବେଳେ ସରକାର ପରିବେଶ ନାଁରେ ୭ହଜାର ଟଙ୍କା କାଟି ହିତାଧିକାରୀଙ୍କୁ ୪୩ହଜାର ଟଙ୍କା ଦେଉଥିଲେ । ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ଏହା ପିଏମ୍-ଆବାସ ହେଲା । ପ୍ରତି ଗାଁରେ ୨୦୦ରୁ ୩୦୦ଜଣଙ୍କୁ ଘର ମିଳିଲା । ଘର ପାଇଁ ୧ଲକ୍ଷ ୨୦ହଜାର ଟଙ୍କା ବି ଦିଆଗଲା । ଏବେ ୪କୋଟି ଲୋକ ପିଏମ୍-ଆବାସ ପାଇଲେଣି । ପୂର୍ବରୁ ନିର୍ମଳ ଯୋଜନା ଥିଲା । ହେଲେ ଗୋଟେ ଗାଁ ସ୍ୱଚ୍ଛ ନଥିଲା । ମୋଦୀଜୀ ଆସିବା ପରେ ସ୍ୱଚ୍ଛ ଭାରତ ଅଭିଯାନରେ ପ୍ରତି ଘରେ ଘରେ ପାଇଖାନା କଲେ । ୧୦କୋଟି ପାଇଖାନା ହେଲାଣି । ରାସ୍ତାଘାଟରୁ ଆରମ୍ଭ କରି ବସ୍‌ଷ୍ଟାଣ୍ଡ, ରେଳଷ୍ଟେସନ୍ ସବୁ ଏବେ ଚକାଚକ୍ । ସେହିପରି ହଜାରେ ଦିନରେ ୧୮ହଜାର ଗାଁରେ ବିଦ୍ୟୁତ୍ ସଂଯୋଗ ଦିଆଗଲା । କାରଣ ମୋଦୀଜୀ ଯୋଜନାର ଗତି ଓ ବିସ୍ତାର ବଢ଼ାଇଲେ । ପିଏମ୍-କିଷାନ ଭଳି ନୂଆ ଯୋଜନା ଆସିବା ପରେ ଏବେ ଏଥିରେ ୧୧କୋଟି କୃଷକ ଯୋଡ଼ି ହୋଇଗଲେଣି । ସେହିପରି ୧୨ବର୍ଷରେ ୧୭୨୫ଟି ଅନାବଶ୍ୟକ ଆଇନକୁ ହଟାଇ ଦିଆଯାଇଛି । ଇଂରେଜମାନେ ଆମକୁ ଦଣ୍ଡ ଦେବାକୁ ଭାରତୀୟ ଦଣ୍ଡ ସଂହିତା (ଆଇପିସି) ଆଣିଥିଲେ । କିନ୍ତୁ ମୋଦୀଜୀ ଭାରତୀୟଙ୍କୁ ନ୍ୟାୟ ଦେବାକୁ ଚାହୁଁଥିବାରୁ ଭାରତୀୟ ନ୍ୟାୟ ସଂହିତା ଆଣିଲେ । ଇ-କୋର୍ଟ ବ୍ୟବସ୍ଥା ଆରମ୍ଭ କରିଲେ । ଯେଉଁଥିରେ ଗୋଟିଏ ଦିନରେ ଜାମିନ ପାଉଥିବା ଲୋକ ଜେଲ୍‌ରୁ ମୁକୁଳିପାରୁଛି । ଏହାସହ ମୋଦୀଜୀ ଦୁର୍ନୀତି, ବାଟମାରଣା କମାଇବାକୁ ଡିବିଟି ବ୍ୟବସ୍ଥା ଆରମ୍ଭ କଲେ । ଏଥିରେ ହିତାଧିକାରୀଙ୍କ ଆକାଉଟଂକୁ ସିଧା ଟଙ୍କା ଗଲା । ଫଳରେ ପୂର୍ବରୁ ରାସନ୍ କାର୍ଡ, ଜାଲ୍ ଚାକିରି ଭଳି ବିଭିନ୍ନ ମାଧ୍ୟମରେ ଅଯୋଗ୍ୟଙ୍କୁ ଟଙ୍କା ମିଳୁଥିଲା । ଡିବିଟି ଆସିବା ପରେ ୪.୩୧ଲକ୍ଷ କୋଟି ଟଙ୍କା ଲୁଟକୁ ରୋକାଯାଇପାରିଲା । ମୋଦୀଜୀ ୧୨ବର୍ଷରେ ବିଶ୍ୱାସର, ବିକାଶର ଓ ଜନକଲ୍ୟାଣର ସରକାର ଭେଟି ଦେଇଛନ୍ତି ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ଆଜି କେନ୍ଦ୍ର ସରକାରଙ୍କ ନିରନ୍ତର, ସ୍ୱଚ୍ଛସେବା, ସୁଦୃଢ଼ ସୁଶାସନ ଓ ବ୍ୟାପକ ଗରିବ କଲ୍ୟାଣର ଅଭିଯାତ୍ରାର ୧୨ ବର୍ଷ ଏବଂ ତୃତୀୟ ପାଳିର ଦୁଇଟି ଅସାଧାରଣ, ସଫଳ ବର୍ଷ ପୂର୍ଣ୍ଣ ହୋଇଛି । ସବୁଠାରୁ ଗୌରବମୟ କଥା ହେଉଛି, ଆସନ୍ତାକାଲି ମୋଦୀଜୀ ଗଣତାନ୍ତ୍ରିକ ଭାବେ ନିର୍ବାଚିତ ଶାସନ ମୁଖ୍ୟ ଭାବେ ସର୍ବାଧିକ ସମୟ (୪୩୯୯ ଦିନ) ସେବା କରିବାର ଏକ ଅଭୂତପୂର୍ବ, ନୂତନ ଜାତୀୟ କୀର୍ତ୍ତିମାନ ସ୍ଥାପନ କରିବାକୁ ଯାଉଛନ୍ତି । ଏଥିପାଇଁ ସାଢ଼େ ୪କୋଟି ଓଡ଼ିଶାବାସୀଙ୍କ ତରଫରୁ ଆନ୍ତରିକ ଶୁଭେଚ୍ଛା । ଏହାସହ ପ୍ରଧାନମନ୍ତ୍ରୀଙ୍କ ସଫଳତା ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ, ଗତ ଦୁଇ ବର୍ଷ ମଧ୍ୟରେ ସମଗ୍ର ବିଶ୍ୱ ଅନେକ ଭୂ-ରାଜନୈତିକ ଅସ୍ଥିରତା ଓ ଆହ୍ୱାନର ସମ୍ମୁଖୀନ ହୋଇଛି ।





କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


### ୪ ଦଫା ଦାବି ନେଇ ଉମରକୋଟରେ ଟିପିଏସଓଡ଼ିଏଲ୍ କାର୍ଯ୍ୟାଳୟ ଘେରାଉ

# ବିଜେଡିର ପ୍ରତିବାଦ



ଉମରକୋଟ,୧୦/୬ (ନି/ପ୍ର): ୪ ଦଫା ମୁଖ୍ୟ ଦାବିକୁ ନେଇ ଆଜି ଉମରକୋଟରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଟିପିଏସଓଡ଼ିଏଲ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଜୋରଦାର ପ୍ରତିବାଦ ପ୍ରଦର୍ଶନ କରାଯାଇଛି । ସ୍ଥାନୀୟ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାକୁ ଉଠାଇ ଦଳର ପୁରୁଖା ନେତା ଓ କର୍ମୀମାନେ ଘେରାଉ କରି ନାରାବାଜି କରିଥିଲେ । ବିଜେଡି ପକ୍ଷରୁ ଉଠାଯାଇଥିବା ମୁଖ୍ୟ ୪ ଦଫା ଦାବି ମଧ୍ୟରେ ରହିଛି, (୧) ୩୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ଯୋଗାଣ, (୨) ଅଘୋଷିତ ବିଦ୍ୟୁତ କାଟକୁ ତୁରନ୍ତ ବନ୍ଦ କରାଯିବା, (୩) ଅହେତୁକ ବିଜୁଳି ଦର ବୃଦ୍ଧି ପ୍ରତ୍ୟାହାର, (୪) ଅଂଚଳରେ ଝୁଲି ରହିଥିବା ବିପଦଜନକ ବିଦ୍ୟୁତ ତାରଗୁଡିକର ଶୀଘ୍ର ପରିବର୍ତ୍ତନ । ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ପ୍ରଦୀପ କୁମାର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ଝଙ୍କାର, ଉମରକୋଟ ବିଧାୟକ ପ୍ରାର୍ଥୀ ନବୀନ ନାୟକ, ପୌରାଧ୍ୟକ୍ଷା ରାଧା ଭତ୍ରା ଓ ବିଜୁ ଯୁବ ସଂଗଠନର ସଭାପତି ଚନ୍ଦନ ବେହେରା ସହ ଶତାଧିକ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ । ବିଜେଡି ନେତାମାନେ ସଚେତନ କରିଥିଲେ ଯେ, ଯଦି ଶୀଘ୍ର ଦାବିଗୁଡିକ ପୂରଣ କରାଯିବ ନାହିଁ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ।

# ଜିନ୍ଦଲ ଷ୍ଟିଲ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

କେନ୍ଦୁଝର,୧୦/୬(ନି/ପ୍ର): ଜିନ୍ଦଲ ଷ୍ଟିଲ ପକ୍ଷରୁ ବଡ଼ବିଲ ପେଲେଟ ପ୍ଲାଂଟ, କାଶିଆ ଓ ଟେନସା ମାଇନ୍ସରେ ବେଶ ଉତ୍ସାହର ସହ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବ୍ୟାପକ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଶ୍ୱ ପରିବେଶ ଦିବସ ଅବସରରେ ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ତଥା ମାନ୍ୟବର କୁରୁକ୍ଷେତ୍ର ସାଂସଦ ଶ୍ରୀ ନବୀନ ଜିନ୍ଦଲ ସୋସିଆଲ ମିଡିଆରେ ଶୁଭେଚ୍ଛା ଜଣାଇବା ଅବସରରେ କହିଛନ୍ତି, "ଭବିଷ୍ୟତ ପିଢ଼ି ପାଇଁ ଆମେ କେମିତି ପୃଥିବୀ ଛାଡ଼ିଯିବୁ, ତାହା କେବଳ ଆମେ କଣ ନିର୍ମାଣ କରିଛୁ ତାହା ଦ୍ୱାରା ନୁହେଁ, ବରଂ ଆମେ କଣ ସଂରକ୍ଷଣ କରିଛୁ ତାହା ଦ୍ୱାରା ମଧ୍ୟ ନିର୍ଦ୍ଧାରିତ ହେବ । ଦେଶ ଯେପରି ନିରନ୍ତର ଉନ୍ନତି ଓ ଅଗ୍ରଗତିର ପଥରେ ଆଗେଇ ଚାଲିଛି, ସେହିପରି ଆମ ବିକାଶର ଯାତ୍ରା, ଜୀବନ ଓ ଜୀବିକାର ଆଧାର ଥିବା ପ୍ରାକୃତିକ ସମ୍ପଦ ଏବଂ ପରିବେଶ ବ୍ୟବସ୍ଥା ପ୍ରତି ସଚେତନ ଓ ଦାୟିତ୍ୱଶୀଳ ହେବା ଆବଶ୍ୟକ । ଆସନ୍ତୁ, ଆମେ ଆଜି ଯେଉଁ ବିଶ୍ୱ ଗଢୁଛୁ, ତାହାର ଉତ୍ତରାଧିକାରୀ ହେବାକୁ ଯାଉଥିବା ଆଗାମୀ ପିଢ଼ିଙ୍କ ପ୍ରତି ଆମର କର୍ତ୍ତବ୍ୟ ଓ ଦାୟିତ୍ୱକୁ ସମ୍ମାନ ଜଣାଇ ସଚେତନମୂଳକ ପଦକ୍ଷେପ ନେବା ।" ବଡ଼ବିଲ ପେଲେଟ ପ୍ଲାଂଟ ପରିସରରେ ୟୁନିଟ ହେଡ୍ ଶ୍ରୀ ସତୀଶ ସିନ୍ଧୁରିଆଙ୍କ ନେତୃତ୍ୱରେ ଏକ ମିନି ମାରାଥନର ଆୟୋଜନ ହୋଇଥିଲା । ଏହା ସହିତ ବ୍ୟାପକ ବୃକ୍ଷରୋପଣ ମଧ୍ୟ ହୋଇଥିଲା । ଏଥିରେ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ସାମିଲ ହୋଇଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା । ସେହିପରି କାଶିଆ ମାଇନ୍ସରେ ୟୁନିଟ ହେଡ୍ ଶ୍ରୀ ପ୍ରମୋଦ



ପାତ୍ରଙ୍କ ନେତୃତ୍ୱରେ 'ଏକ ପେଡ୍ ମା କେ ନାମ' ଅଭିଯାନରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହା ସହିତ ପରିବେଶ ଶପଥ ଗ୍ରହଣ ଉତ୍ସବ ଓ ପଥପ୍ରାନ୍ତ ନାଟକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ରାଜୀବ କୁମାର ଏବଂ ବିକେଟି- ବିଜନେସ ହେଡ୍ ଶ୍ରୀ ଆଶିଷ ପାଣ୍ଡେ ଯୋଗଦେଇଥିଲେ । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ କୁମାର ଏକ ଆମ୍ବୁଲାନ୍ସର ଶୁଭାରମ୍ଭ କରିଥିଲେ । ଏହା ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀଙ୍କ ସେବାରେ ନିୟୋଜିତ ରହିବ । ଟେନସା ମାଇନସରେ ମଧ୍ୟ ବିଶ୍ୱ ପରିବେଶ ଦିବସ ବେଶ ଉତ୍ସାହରେ ପାଳିତ ହୋଇଛି । ମାଇନ୍ସ ମୁଖ୍ୟ ଶ୍ରୀ ରାଜେଶ ପଟେଲ ଓ ମାଇନ୍ସ ମ୍ୟାନେଜର ଶ୍ରୀ ଭରଦ୍ୱାଜ ରାଉତଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ, ଶପଥ ଗ୍ରହଣ ଓ ସଫେଇ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମ ପରିବେଶ ପରିଚାଳନା ବିଭାଗର ସକ୍ରିୟ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ଫଳ ବୃକ୍ଷ ରୋପଣ କରାଯାଇଥିଲା । ସ୍କୁଲ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ସହ ସଚେତନତାମୂଳକ ପଥପ୍ରାନ୍ତ ନାଟକ ଆୟୋଜିତ ହୋଇଥିଲା । ସନ୍ଧ୍ୟାରେ ଦେଓଝର ଜିନ୍ଦଲ ନଗରରେ ପ୍ରକୃତି ସୁରକ୍ଷା ଏବଂ ପ୍ଲାଷ୍ଟିକ ବ୍ୟବହାର ବର୍ଜନ ଆଧାରିତ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା ।

# ଆନନ୍ଦପୁରରେ ଆତଙ୍କ ଖେଳାଇଲା ଦନ୍ତା

## ମହିଳାଙ୍କୁ ଦଳି ଦେଲା



ଆନନ୍ଦପୁର,୧୦/୬(ନି/ପ୍ର): ଆନନ୍ଦପୁରରେ ଆଜି ସକାଳୁ ଆତଙ୍କ ଖେଳାଇଛି ଏକ ବଣୁଆ ଦନ୍ତା । ପ୍ରଥମେ ଆନନ୍ଦପୁର ସହର ମଧ୍ୟରେ ସକାଳୁ ଦେଖିବାକୁ ମିଳିଥିଲା ହାତୀ । ଗାଁ ପରେ ଗାଁ ବୁଲୁଛି ଦନ୍ତା । ଆଗେ ଆଗେ ଦନ୍ତା ପଛେ ପଛେ ସ୍ଥାନୀୟ ଲୋକେ ଓ ବନ ବିଭାଗ କର୍ମଚାରୀ ବୁଲୁଛନ୍ତି । ସକାଳୁ ଆନନ୍ଦପୁର ଏହି ଦନ୍ତା ହାତୀଟି ଆଜି ସକାଳେ ସିନେମା ହଲ ନିକଟରେ ଥିବା ଆମ୍ବ ତୋଟାରେ ଜଣେ ମହିଳାଙ୍କୁ ଦଳି ମାରି ଦେଇଥିବା ବେଳେ ଦୁଇଟି ସାଇକଲ ଭାଙ୍ଗି ଦେଇଛି । ମୃତ ମହିଳା ଫକୀରପୁରର ମଞ୍ଜୁ ନାଥ (୫୫) । ଆନନ୍ଦପୁର ଅଂଚଳରେ ହାତୀର ଉପସ୍ଥିତି ନେଇ ସ୍ଥାନୀୟ ଅଂଚଳରେ ଆତଙ୍କ ଖେଳି ଯାଇଛି । ପ୍ରଥମେ ଆନନ୍ଦପୁର କଲେଜ ପଛପାଖ ଆମ୍ବତୋଟା ନିକଟରେ ଦେଖିବାକୁ ମିଳିଥିଲା । ଲୋକେହାତୀକୁ ଦେଖିବାପରେ ହୋହଲ୍ଲା କରିବା ଆରମ୍ଭ କରିଥିଲେ । ଅନେକ ଲୋକ ରୁଣ୍ଡ ହେବାରୁ ହାତୀଟି ଆଗକୁ ଆଗେଇ ଚାଲିଥିଲା। ପରେ ପେରେ ବନବିଭାଗ କର୍ମଚାରୀମାନେ ପହଂଚି ହାତୀକୁ ଜଙ୍ଗଲ ମୁହାଁ କରିବାକୁ ପ୍ରୟାସ ଚଳାଇଥିଲେ । ସେଠାରୁ ବାହାରି ହାତୀ ଶାଳବଣୀ, ଖଡିପାଳ, ବେଲଦା,ବଳଦୁଆଁ , ବାଲିପଶି ଗାଁ ଦେଇ ଏବେ ବାଉଁଶଗଡ ଜଙ୍ଗଲ ନିକଟରେ ରହିଛି । ଏହି ବାଟରେ ଯିବା ସମୟରେ ଅନେକ ଲୋକଙ୍କ ବାଡିରେ ଥିବା ଆମ୍ବ ଖାଇବା ସହ ଗଛକୁ ମଧ୍ୟ ଭାଙ୍ଗି ପକାଇଥିବା କହିଛନ୍ତି ଲୋକେ । ଆନନ୍ଦପୁର ରେଞ୍ଜର ନବ କିଶୋର ନାଏକଙ୍କ ନେତୃତ୍ୱ ରେ ଜଙ୍ଗଲ ବିଭାଗ କର୍ମଚାରୀ ମାନେ ହାତୀ କୁ ଜଗି ରହିଛନ୍ତି।

# ରାଜଘରପୋଖରୀ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଓ ରକ୍ତଦାନ ଶିବିର

ଭଦ୍ରକ,୧୦/୬(ନି/ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଜଘରପୋଖରୀ ଗ୍ରାମ ପଂଚାୟତର ଉଚ୍ଚ ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଭବ୍ୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବହୁ ବର୍ଷ ପରେ ଏକାଠି ହୋଇଥିବା ପୁରାତନ ଛାତ୍ରଛାତ୍ରୀମାନେ ନିଜ ଛାତ୍ରଜୀବନର ସ୍ମୃତିକୁ ସାଉଁଟିବା ସହିତ ବିଦ୍ୟାଳୟର ବିକାଶ ଏବଂ ସମାଜସେବାମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଅନେକ ପୁରାତନ ଛାତ୍ରଛାତ୍ରୀ, ଯୁବକ ଓ ସ୍ଥାନୀୟ ଅଂଚଳର ସମାଜସେବୀମାନେ ରକ୍ତଦାନ କରି ମାନବସେବା ପ୍ରତି ନିଜର ଦାୟିତ୍ୱବୋଧ ପ୍ରକାଶ କରିଥିଲେ । ରକ୍ତଦାନ ମହାଦାନ ବାର୍ତ୍ତାକୁ ଲୋକଙ୍କ ନିକଟରେ ପହଂଚାଇବା ଉଦ୍ଦେଶ୍ୟରେ ଏହିଶିବିର ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଭାରତୀୟ ସଂସ୍କୃତି ଓ ପରମ୍ପରାର ପ୍ରତୀକ ସ୍ୱରୂପ ଗୋ-ପୂଜନ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ଅତିଥି ଓ ପୁରାତନ ଛାତ୍ରଛାତ୍ରୀମାନେ ଗୋମାତାଙ୍କ ପୂଜା କରି ସମାଜରେ ନୈତିକ ମୂଲ୍ୟବୋଧ ଓ ସଂସ୍କୃତିର ସୁରକ୍ଷା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ସେହିପରି ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇ ତାଙ୍କର ଦୀର୍ଘଦିନର ଶିକ୍ଷାଦାନ ଓ ସମାଜ ଗଠନରେ ଅବଦାନକୁ ସ୍ମରଣ କରାଯାଇଥିଲା । ଶିକ୍ଷକମାନଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ ସ୍ମାରକ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଏହି ସମୟରେ ଅନେକ ପୁରାତନ ଛାତ୍ରଛାତ୍ରୀ ନିଜ ଜୀବନ ଗଠନରେ ଶିକ୍ଷକମାନଙ୍କ ଅବଦାନକୁ ସ୍ମରଣ କରି ଭାବବିହ୍ୱଳ ହୋଇପଡ଼ିଥିଲେ । ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସାଂସ୍କୃତିକ ପରିବେଶନ, ସ୍ମୃତିଚାରଣ, ସମ୍ମାନ ପ୍ରଦାନ ଓ ବିଭିନ୍ନ ସାମାଜିକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଦୀର୍ଘ ବର୍ଷ ପରେ ଏକାଠି ହୋଇଥିବା ସହପାଠୀମାନେ ପରସ୍ପର ସହ ମତବିନିମୟ କରିବା ସହିତ ପୁରୁଣା ସ୍ମୃତିକୁ ତାଜା କରିଥିଲେ । ଏହି ଆୟୋଜନ ସମଗ୍ର ଅଂଚଳରେ ଉତ୍ସାହ ଓ ଆନନ୍ଦର ପରିବେଶ ସୃଷ୍ଟି କରିଥିଲା । ଶେଷରେ ଆୟୋଜକମାନେ ସମସ୍ତ ଅତିଥି, ପୁରାତନ ଛାତ୍ରଛାତ୍ରୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ସହଯୋଗୀମାନଙ୍କୁ କୃତଜ୍ଞତା ଜଣାଇଥିଲେ । ଆଗାମୀ ଦିନରେ ମଧ୍ୟ ଏଭଳି ସାମାଜିକ ଓ ଶିକ୍ଷାମୂଳକ କାର୍ଯ୍ୟକ୍ରମ ଜାରି ରଖିବାକୁ ସଙ୍କଳ୍ପ ।

## ଯୁବ ନେତୃତ୍ୱ ଓ ସାଂଗଠନିକ ବୈଠକ

ବଲାଙ୍ଗିର, ୧୦/୬(ନି/ପ୍ର): ବଲାଙ୍ଗିର ଜିଲ୍ଲା କଂଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ପଂଚାୟତ ଠାରେ ଭାଇ ସୁଜିତ ସରାଫ, ହେମନ୍ତ ବିଶ୍ୱାଳ, ଚନ୍ଦ୍ର କହଁର ଙ୍କ ନେତୃତ୍ୱରେ ଆୟୋଜିତ ସାଂଗଠନିକ ବୈଠକ ରେ ମୁଖ୍ୟ ଅତିଥି ଭାବେ ବିଜେଡ଼ି ଯୁବ ନେତା ଗିରିରାଜ ସିଂ ମାଝୀ ଯୋଗଦେଇଥିଲେ । ଏହି ଅବସର ରେ ବୁଢ଼ା ଚନ୍ଦନ,ଚମାରୁ ଭୋଇ,ଟୁନା ସେଠ୍, ଅଭିଳାଷ ବଘାର,ଅମିତ ସାହୁ, ଭବାନୀ ନାଗ,ଭାଗ୍ୟ ସାହୁ, ଦିପକ ଘିବେଲା, ଆଶିଷ ବେହେରା ଉପସ୍ଥିତ ଥିଲେ ।

# ମାଙ୍କଡା ପଥର ଖଣି ଉପରେ ଚଢ଼ଉ, ୬ ଗାଡ଼ି ଓ ଗୋଟିଏ ପାୱାରଟିଲର ଜବତ



ବେଗୁନିଆ,୧୦/୬(ନି/ପ୍ର): ବେଆଇନ ମାଙ୍କଡା ପଥର ଖଣିରେ ଜିଲ୍ଲା ଖଣି ବିଭାଗର ଅତର୍କିତ ଚଢ଼ଉ । ମାଙ୍କଡା ପଥର ବୋଝେଇ ୫ଟି ମିନିଟ୍ରକ, ଗୋଟିଏ ଟ୍ରାକ୍ଟର ସହ ପାୱାରଟିଲର ଜବତ । ଜବତ ଗାଡ଼ିଗୁଡିକୁ ବେଗୁନିଆ ତହସିଲ ଜିମା ଦେଲେ ଖଣି ଅଧିକାରୀ । ଆଜି ସକାଳୁ ସକାଳୁ ଚାଲିଥିଲା ବେଆଇନ ମାଙ୍କଡା ପଥର ଖଣିରୁ ପଥର ଚାଲାଣ । ବିଶେଷ ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲା ଖୋର୍ଦ୍ଧା ଖଣି ବିଭାଗର ସ୍ୱତନ୍ତ ଟିମ । ଟିମ ଚଢ଼ଉ ଦେଖି ଛତ୍ରଭଙ୍ଗ ଦେଇଥିଲେ ଖଣି ମାଫିଆ । ମାଙ୍କଡା ପଥର ବୋଝେଇ ୫ଟି ମିନିଟ୍ରକ, ଗୋଟିଏ ଟ୍ରାକ୍ଟର ଓ ପଥର କାଟୁଥିବା ପାୱାରଟିଲରକୁ ଜବତ କରି ୧୧୨ କୁ ଖବର ଦେଇଥିଲା ଖଣିବିଭାଗ । ଚଢ଼ଉ ପୂର୍ବରୁ ପୁଲିସକୁ ଖବର ଦେଲେ କାରଣ ପୂର୍ବରୁ ସୂଚନା ଦେଇ ଖଣିବିଭାଗ ଚଢ଼ଉ କଲେ ଖଣି ମାଫିଆମାନେ ସୂଚନା ପାଇଯାଉଛନ୍ତି । ଫଳରେ ଆଜି କାହାକୁ ଖବର ନଦେଇ ଖଣି ବିଭାଗ ଭୋରୁ ଭୋରୁ ଚଢାଉ କରିଥିଲା । ବେଗୁନିଆ ଥାନା ରାଉତପଡା ର ପାଟଂପା ଖଣି ରେ ବେଆଇନ ପଥର କଟା ଚାଲୁଥିବା ବେଳେ ଖଣିବିଭାଗ ଚଢାଉ କରି ଗାଡ଼ି ଜବତ କରି ତହସିଲ ଜିମା ଦେଇଥିଲା ଖଣିବିଭାଗ । ଏହିପରି ଆଗକୁ ବେଆଇନ ଖଣି ଉପରେ ଖଣିବିଭାଗ ଅତର୍କିତ ଚଢ଼ଉ କରି ରାଜସ୍ୱ ଲୁଟ୍ ରୋକାଯିବ ବୋଲି ଖଣି ଅଧିକାରୀ କହିଛନ୍ତି । ଏହି ଚଢ଼ଉରେ ଖୋର୍ଦ୍ଧା ସହକାରୀ ଖଣି ଅଧିକାରୀ ପ୍ରେମାନନ୍ଦ ବେହେରା ଓ କନିଷ୍ଠ ଖଣି ଅଧିକାରୀ ବିଶ୍ୱଜିତ ସାହୁ ସାମିଲ ହେଇଥିଲେ ।

# ବିବାହ ବାର୍ଷିକରେ ରକ୍ତଦାନ ଶିବିର

ଭଦ୍ରକ,୧୦/୬(ନି/ପ୍ର): ଭଦ୍ରକ ଜିଲ୍ଲାର ରକ୍ତ ଭଣ୍ଡାର କର୍ମଚାରୀ ରବୀନ୍ଦ୍ର କୁମାର ଜେନା ଭାଇ ଙ୍କ ୧୨ ତମ ବିବାହ ବାର୍ଷିକ ଉପଲକ୍ଷେ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ତାଙ୍କୁ ଭଦ୍ରକ ଜିଲ୍ଲା ରକ୍ତ ସଂଗଠନ ଚାରିଟେବୁଲ ଟ୍ରଷ୍ଟ ଓଡ଼ିଶା ପରିବାର ତରଫରୁ ବଡ଼ ମନ୍ଦାର ଫୁଲ ଗଛ ଟିଏ ପଦାନ କରାଗଲା ଏବଂ ଏହି ରକ୍ତ ଦାନ ଶିବିର ଭଦ୍ରକ ଜିଲ୍ଲାର ବିଭିନ୍ନ ସମାଜସେବୀ ସଂଗଠନ ଏବଂ ରକ୍ତ ଦାଦା ମାନେ ଆସି ରକ୍ତ ଦାନ କରିବା ସହିତ ଯୋଗଦାନ କରିଥିଲେ । ଆସନ୍ତୁ ରକ୍ତ ଦାନ କରିବା ଜୀବନ ବଂଚେଇବା ଏହା ହିଁ ଅମାର ମୂଳ ଲକ୍ଷ ନେଇ ଏହି ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇ ଥିଲା । ଏହି ଗ୍ରୀଷ୍ମ ଋତୁରେ ରକ୍ତର ଘୋର ଅଭାବ ଯୋଗୁ ଓ ଥାଲସେମିଆ ରୋଗୀମାନଙ୍କ ପାଇଁ ରକ୍ତ ବହୁତ୍ ଆବଶ୍ୟକ ।ଏହି ରକ୍ତ ଦାନ ଶିବିର ର ଆଜିର ମୁଖ୍ୟ ଅତିଥି ଗଣ ଭଦ୍ରକ ଜିଲ୍ଲାର ଥାନା ଅଧିକାରୀ ଗଣ,ଭଦ୍ରକ ତହସିଲଦାର - ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଂଟିଆ,ସାମ୍ବାଦିକ ଜ୍ଞାନ ପାଣି,ରକ୍ତ ଭଣ୍ଡାରର କର୍ମଚାରି ନୀଳିମା ମାଡାମ,ରତିକାନ୍ତ ବଳ,ରବିନାରାୟଣ ଖୁଂଟିଆ, କାଳିଆ ଭାଇ,ଓ ମେଡିକାଲ କର୍ମଚାରୀ ଗଣ ଓ ଫ୍ରେଣ୍ଡସ ଗ୍ରୁପ ର ସଭାପତି -ସମାଜ ସେବୀ ରଶ୍ମି ରଞ୍ଜନ ସାହୁ,ସମାଜ ସେବୀ-ହେମନ୍ତ ମୁହାଁନ୍ତି,ଭଦ୍ରକ ଜିଲ୍ଲା ରକ୍ତ ସଂଗଠନ ସଭାପତି-ମିଥୁନ ଯେନା,ସମ୍ପାଦକ - ମିହିର କୁମାର ନାୟକ,ସଦସ୍ୟ ଓ ଶିକ୍ଷାବିତ୍-କାହ୍ନୁ ଚରଣ ବାରିକ୍, ବିଶୋଜିତ୍,ଉପସ୍ଥିତ ରହି ଏହି ରକ୍ତ ଦାନ ଶିବିର ଟି ସାଫଲ୍ୟ ମଣ୍ଡିତ କରିଲେ ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଜଗବନ୍ଧୁ ଦାସଙ୍କ ଏକାଦଶ କ୍ରିୟା

ଭଦ୍ରକ,୧୦/୬(ନି/ପ୍ର): ଭଦ୍ରକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଲେଇ ଗ୍ରାମପଂଚାୟତର ବଳଭଦ୍ରପୁର-ଓଲଟୁଙ୍ଗା ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସମାଜର ଜଣେ ସମ୍ମାନିତ ବ୍ୟକ୍ତିତ୍ୱ ସ୍ୱର୍ଗତ ଜଗବନ୍ଧୁ ଦାସଙ୍କ ଏକାଦଶ କ୍ରିୟା ଆଜି ଶ୍ରଦ୍ଧା ଓ ଭକ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି, ରାଜନୈତିକ ନେତୃବୃନ୍ଦ, ଶିକ୍ଷାବିତ୍, ସମାଜସେବୀ ଏବଂ ସ୍ଥାନୀୟ ବୁଦ୍ଧିଜୀବୀମାନେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ସ୍ୱର୍ଗତ ଜଗବନ୍ଧୁ ଦାସଙ୍କ ଶିକ୍ଷା କ୍ଷେତ୍ରରେ ଅବଦାନ, ସମାଜ ପ୍ରତି ତାଙ୍କର ନିଷ୍ଠା ଓ ଆଦର୍ଶମୟ ଜୀବନ ସମ୍ପର୍କରେ ନିଜ ଅଭିଭାଷଣ ରଖିଥିଲେ । ସେ କହିଥିଲେ ଯେ, ସ୍ୱର୍ଗତ ଦାସ କେବଳ ଜଣେ ଶିକ୍ଷକ ନୁହେଁ, ବରଂ ଜଣେ ଆଦର୍ଶ ମାର୍ଗଦର୍ଶକ ଥିଲେ, ଯିଏ ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ନିଜ ଜୀବନ ଉତ୍ସର୍ଗ କରିଥିଲେ । ତାଙ୍କ ବିୟୋଗ ଶିକ୍ଷା ଓ ସାମାଜିକ କ୍ଷେତ୍ର ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସେ ମତପ୍ରକାଶ କରିଥିଲେ । ଏହି ଅବସରରେ ସୁପ୍ରବଚକ ଓ ଶିକ୍ଷକ ଶ୍ରୀ ନିତ୍ୟାନନ୍ଦ ରାଉତ, ଧର୍ମଗୁରୁ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସ୍ଥାନୀୟ ବିଜେଡି ପଂଚାୟତ ସଭାପତି ଅଭିରାମ ସାହୁ, ବରିଷ୍ଠ ନେତା ବାବୁଲା ରାଉତ, ପ୍ରଧାନଶିକ୍ଷକ ଭୀମଚରଣ ପରୁଡ଼ା, ବିଶିଷ୍ଟ ସମାଜସେବୀ ନିର୍ମଳ ସ୍ୱାଇଁଙ୍କ ସମେତ ଅନେକ ବରିଷ୍ଠ ନେତୃବୃନ୍ଦ, ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ଉପସ୍ଥିତ ଅତିଥିମାନେ ସ୍ୱର୍ଗତ ଜଗବନ୍ଧୁ ଦାସଙ୍କ ଅମର ଆତ୍ମାର ସଦଗତି କାମନା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ ଏବଂ ତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସମଗ୍ର କାର୍ଯ୍ୟକ୍ରମ ଶୋକାକୁଳ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ସ୍ୱର୍ଗତ ଦାସଙ୍କ ଆଦର୍ଶ ଜୀବନ ଓ ସମାଜ ପ୍ରତି ତାଙ୍କର ଅବଦାନକୁ ସମସ୍ତେ ସ୍ମରଣ କରିଥିଲେ । ତାଙ୍କ ଆଦର୍ଶ ଆଗାମୀ ପିଢ଼ି ପାଇଁ ସଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ବକ୍ତାମାନେ ମତ ।

## ଆଦର୍ଶ ଭଦ୍ରକ ରେଲୱେ ଷ୍ଟେସନ ପରିସରରେ ଜନ ଔଷଧି କେନ୍ଦ୍ର ଖୋଲିବାକୁ ଓଁକାର ସେବା ସଂଗଠନ ଦାବି କଲା

ଭଦ୍ରକ,୧୦/୬(ନି/ପ୍ର): ଆମ ରାଜ୍ୟରେ ଭଦ୍ରକ ଏକ ପ୍ରମୁଖ ଆଦର୍ଶ ରେଲୱେ ଷ୍ଟେସନର ମାନ୍ୟତା ପାଇଥିଲେ । ଏହାର ପରିସରରେ ଅସୁସ୍ଥ ଯାତ୍ରୀଙ୍କ ପାଇଁ ଜନ ଔଷଧି କେନ୍ଦ୍ରଟିଏ ଖୋଲିବା ପାଇଁ ଆଜି ଓଁକାର ସାଂସ୍କୃତିକ ସେବା ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ବ୍ରି ନାରାୟଣ ସାହୁଙ୍କ ଜରିଆରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ଏହି ଦାବି ପତ୍ରରେ ଉଲ୍ଲିଖିତ ସୂଚନା ମୂଳେ ସମଗ୍ର ଭାରତ ବର୍ଷରେ ଯେଉଁ କେତେକ ଆଦର୍ଶ ରେଲୱେ ଷ୍ଟେସନ ସ୍ଥାନ ପାଇଛି, ସେଥି ମଧ୍ୟରେ ଉତର ଓଡ଼ିଶାର ଉପକୂଳବର୍ତୀ ଭଦ୍ରକ ଷ୍ଟେସନ ଅନ୍ୟତମ । ଏହି ରେଳ ଷ୍ଟେସନ ଉପରେ କେବଳ ଭଦ୍ରକ ଜିଲ୍ଲାବାସୀ ନୁହନ୍ତି, ପଡୋଶୀ କେନ୍ଦୁଝର, ଯାଜପୁର, ମୟୁରଭଞ୍ଜ,ବାଲେଶ୍ୱର ଓ କେନ୍ଦ୍ରାପଡା ଭଳି ଜିଲ୍ଲାର ଯାତ୍ରୀମାନେ ମଧ୍ୟ ଓଡ଼ିଶାର ବିଭିନ୍ନ ଅଂଚଳ ସମେତ ଅନ୍ୟ ରାଜ୍ୟକୁ ଯାତାୟାତ କରିଥାନ୍ତି ।ଇତିମଧ୍ୟରେ ସାରା ଭାରତ ବର୍ଷରେ ରେଲୱେ ଟ୍ରାକ ୧୭୩ ବର୍ଷ ଅତିକ୍ରମ କରିସାରିଛି । ଏବଂ ଏ ଗୁଡିକ ଆଧୁନିକ କରଣର ଶୀର୍ଷରେ ପହଂଚି ସାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଆମ ଦେଶରେ ପ୍ରାୟ ୯୦ ପ୍ରତିଶତ ଯାତ୍ରୀ ରେଳ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି 'ଏ' ୱାନ ରେଲୱେ ଷ୍ଟେସନ ଓ ଜଂକ୍ସନ ଗୁଡିକରେ ଜନ ଔଷଧି କେନ୍ଦ୍ର ପ୍ରତିଷ୍ଠା ହୋଇପାରି ନାହିଁ ।ଫଳରେ କୋଟି କୋଟି ଲୋକଙ୍କ ସମାଗମରେ ଦୈବାତ କେବେ କୌଣସି ଯାତ୍ରୀଟିଏ ଅସୁସ୍ଥ ବୋଧକଲେ ତାକୁ ଷ୍ଟେସନ ବାହାରେ ଥିବା ଔଷଧ ଦୋକାନ ଉପରେ ନିର୍ଭର କରିବାକୁ ପଡିଥାଏ । ହୁଏତ ସେତେବେଳକୁ ନିର୍ଦ୍ଧାରିତ ଟ୍ରେନ ଟି ତାର ଗନ୍ତବ୍ୟ ପଥ ଅଭିମୁଖେ ଯାତ୍ରା କରିସାରିଥାଏ ।

# ଯାତ୍ରୀବାହୀ ବସକୁ ଧକ୍କା ଦେଲା ଟ୍ରଲର

# ୪ ଗୁରୁତର ୧୦ ଆହତ



କେନ୍ଦୁଝର,୧୦/୬(ନି/ପ୍ର): ତୁରୁମୁଙ୍ଗା ଥାନା ଭଅଁରପୁର ନିକଟରେ ଯାତ୍ରୀ ବାହୀ ବସକୁ ଧକ୍କା ଦେଲା ଟ୍ରଲର । ୪ ଗୁରୁତର ୧୦ ରୁ ଉର୍ଦ୍ଧ ଆହତ । କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଚମ୍ପୁଆ ବାଉଁଶୁଳି ରାସ୍ତାରେ ଭଅଁରପୁର ନିକଟରେ କେନ୍ଦୁଝରରୁ ଚମ୍ପୁଆ ଆସୁଥିବା ସାହୁ ଏଣ୍ଡ ସାହୁ ନାମକ ଏକ ଯାତ୍ରୀ ବାହୀ ବସକୁ ଚମ୍ପୁଆ ପଟୁ ଯାଉଥିବା ଏକ ଟ୍ରଲର ସାମ୍ନାପଟୁ ଧକ୍କା ଦେଇଛି । ଫଳରେ ଗାଡ଼ିରେ ଥିବା ୩୦ଜଣ ଯାତ୍ରୀ ମଧ୍ୟରୁ ଚାରିଜଣ ଗୁରୁତର ଆହତ ହୋଇଥିବା ବେଳେ ୧୦ ରୁ ଉର୍ଦ୍ଧ ଜଣ ଯାତ୍ରୀ ଆହତ ହୋଇଛନ୍ତି । ଏହି ବସରେ ୩୦ରୁ ଅଧିକ ଯାତ୍ରୀ ବେଳେ ଡ୍ରାଇଭର ମଧ୍ୟ ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତର ଖାନାକୁ ଆମ୍ବୁଲାନ୍ସ ଯୋଗେ ପଠାଇ ଥିବା ବେଳେ ଖବର ପାଇ ତୁରୁମୁଙ୍ଗା ପୋଲିସ ଘଟଣା ସ୍ଥଳରେ ପହଂଚି ଥିବା ଜଣାପଡିଛି । ତେବେ ଏହି ରାସ୍ତାରେ ଭାରି ଯାନ ଚଳାଚଳ ପାଇଁ ଅଙ୍କୁଶ ଥିବା ସତ୍ତ୍ୱେ ବେଧଡକ ଭାରୀଯାନ ଚଳାଚଳ କରୁଥିବା ଯୋଗୁଁ ଏପରି ଦୁର୍ଘଟଣା ଘଟିଛି ।

## ଆମ ଆଦମୀ ପାର୍ଟିର ସାଂଗଠନିକ ବୈଠକ ଅନୁଷ୍ଠିତ

କେନ୍ଦୁଝର,୧୦/୬(ନି/ପ୍ର): ଆମ ଆଦମୀ ପାର୍ଟି (ଇଇଚ) କେନ୍ଦୁଝର ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ଝରଣା ନାଏକଙ୍କ ନେତୃତ୍ୱରେ ଏବଂ ଝୁମ୍ପୁରା ବ୍ଲକ ସଭାପତି ଦିଲେଶ୍ୱର ମହାନ୍ତଙ୍କ ସଂଯୋଜନାରେ ନହବେଡା ଓ ଖେଣ୍ଡରା ପଂଚାୟତର କର୍ମୀମାନଙ୍କୁ ନେଇ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଦଳର ସାଂଗଠନିକ ସ୍ଥିତିକୁ ଅଧିକ ସୁଦୃଢ଼ କରିବା, ଜନସାଧାରଣଙ୍କ ସମସ୍ୟାକୁ ପ୍ରାଥମିକତା ଦେବା ଏବଂ ଗ୍ରାମାଂଚଳରେ ଦଳୀୟ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ରଞ୍ଜିତ ମହାନ୍ତ, ଅର୍ଜୁନ ମହାନ୍ତ, ଯତୀନ୍ଦ୍ର ନାଏକ, ଗୋପାଳ ମହାନ୍ତ, ସୁରେଶ ମହାକୁଡ଼, ଭୀମସେନ ମହାନ୍ତ, ବିଦ୍ୟାଧର ମହାନ୍ତ ପ୍ରମୁଖଙ୍କ ସହିତ ବହୁ ସଂଖ୍ୟକ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ ।







# ପଡ଼ୋଶୀ ବିବାଦକୁ କେନ୍ଦ୍ର କରି ଦୁଇ ମହିଳାଙ୍କୁ ନୃଶଂସ ହତ୍ୟା, ଅଭିଯୁକ୍ତ ଗିରଫ

ସମ୍ବଲପୁର,୧୦/୬(ନି/ପ୍ର): ସମ୍ବଲପୁର ଜିଲ୍ଲା ଶାସନ ଥାନା ଅନ୍ତର୍ଗତ ଗିରିପାଲି ଖଡିଆପଡା ଗ୍ରାମରେ ପଡ଼ୋଶୀଙ୍କ ବିବାଦକୁ କେନ୍ଦ୍ର କରି ରବିବାର ବିଳମ୍ବିତ ରାତିରେ ଦୁଇଜଣ ମହିଳାଙ୍କୁ ଅତି ବିଭତ୍ସ ଭାବେ ହତ୍ୟା କରାଯାଇଛି । ଏହି ଘଟଣାରେ ପୋଲିସ ଗ୍ରାମର ୨୦ ବର୍ଷୀୟ ଅଭିଯୁକ୍ତ ଅଜୟ ପଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ମୁତାବକ ଜୁନ ୭ ତାରିଖ ବିଳମ୍ବିତ ରାତିରେ ତଥା ୮ ତାରିଖ ମଧ୍ୟରାତ୍ରିରେ ଗିରିପାଲି ଖଡିଆପଡା ଗ୍ରାମର ଅଜୟ ପଧାନ ପୂର୍ବ ଶତ୍ରୁତା ଏବଂ ପଡ଼ୋଶୀ ବିବାଦକୁ ନେଇ ତାଙ୍କ ପଡ଼ୋଶୀ ୬୦ ବର୍ଷିୟା ଉର୍କୁଲି ପାତ୍ର ଓ ତାଙ୍କ ୩୫ ବର୍ଷୀୟା ସ୍ୱାମୀ ପରିତ୍ୟକ୍ତା ଝିଅ ଲିଲିମା ଜଉଡ଼ା ଘର ବାହାର ବାରଣ୍ଡାରେ ଶୋଇଥିବା ବେଳେ ମେଟାଲ୍ ଚେନ୍ ସ୍ପ୍ରକେଟ୍ ସହ ଲୁହା ପାଇପ୍ ଲଗା ଅସ୍ତ୍ରରେ ମୁଣ୍ଡ ଓ ବେକକୁ ଶକ୍ତ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଶାସନ ଥାନାରେ ଲିଖିତ ଅଭିଯୋଗ ହେବାପରେ ପୋଲିସ ୧୫୮/୨୬ ରେ ଏକ ମାମଲା ରୁଜୁ କରି ସୋମବାର ଦିନ ତମାମ ତଦନ୍ତ କରିଥିଲା । ମୃତକଙ୍କ ପୁଅ ଜୟନ୍ତ ପାତ୍ର ନିଜ ମାଁ ଓ ଭଉଣୀର ମୃତ ଦେହ ଦେଖି ତୁରନ୍ତ ଏହି ଘଟଣା ସମ୍ପର୍କରେ ଶାସନ ଥାନାରେ ଅଭିଯୋଗ କରିଥିଲା । ମୃତଦେହ ଦୁଇଟିର ବ୍ୟବଚ୍ଛେଦ ବୁର୍ଲା ଭୀମସାର ଫରେନ୍ସିକ୍ ବିଭାଗରେ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଘଟଣାରେ ବ୍ୟବହୃତ ମେଟାଲ୍ ଚେନ୍ ସ୍ପ୍ରକେଟ୍ ଓ ଲୁହା ପାଇପ୍ ଜବତ କରିଥିବା ବେଳେ ଅଭିଯୁକ୍ତ ଅଜୟ ପଧାନକୁ ଗିରଫ କରି କୋର୍ଟ ଚାଲାଣ କରିଛି । ତେବେ ଏହି ହତ୍ୟାକାଣ୍ଡର ପ୍ରଚ୍ଛଦପଟରେ ବହୁ ସନ୍ଦେହ ଜନକ କାରଣ ରହିଥିବା କୁହାଯାଇଛି । ହତ୍ୟାକାଣ୍ଡ ଘଟିଥିବା ସ୍ଥାନର ଅନତିଦୂରରେ ଦେଶୀ ମଦ ପାଉଚର ଜରି ପଡିଥିବା ମାନେ ଅଭିଯୁକ୍ତ ଜଣଙ୍କ ମାତ୍ରାଧିକ ମଦ୍ୟପାନ ପରେ ଉଭୟ ମାଁ ଝିଅଙ୍କୁ ହତ୍ୟା କରିବାର ମାନସିକତା ସ୍ପଷ୍ଟ କରିଥିଲା । ଅପରପକ୍ଷରେ ବିଭିନ୍ନ ସମୟରେ ଅସାମାଜିକ ଓ ଅପରାଧୀକ କାର୍ଯ୍ୟକଳାପ ପାଇଁ ହତ୍ୟାର ଶିକାର ବୃଦ୍ଧା ଜଣଙ୍କ ଅଭିଭାବକ ଭାବେ ତାଗିଦ୍ କରିବା ସହ ଗାଳିଗୁଲଜ ମଧ୍ୟ କରୁଥିଲେ । ମାତ୍ରାଧିକ ନିଶା ସେବନ ପରେ ହିତାହିତ କାଣ୍ଡଜ୍ଞାନ ହରାଇ ଦୁଇ ଦୁଇ ଜଣଙ୍କୁ ହତ୍ୟ କରିବା ପରେ ନିଜେ ହତ୍ୟାକାରୀ ହିଁ ଥାନାକୁ ସୂଚନା ଦେଇଥିବା ଶୁଣାଯାଉଛି । ଗ୍ରାମାଂଚଳ ଗୁଡିକରେ ବ୍ୟାପକ ମାତ୍ରାରେ ଦେଶୀ ବିଦେଶୀ ସଦର ବହୁଳ ପ୍ରସାର ହିଁ ଅପରାଧୀକ ମାନସିକତାକୁ ବୃଦ୍ଧି କରାଉଛି ବୋଲି ଆଜିର ଘଟଣା ପରେ ସାଧାରଣରେ ଅଭିଯୋଗ ହେଉଛି ।

# ସିଟି ଷ୍ଟେସନରେ ଇଂଟରସିଟି ରହଣି ପାଇଁ ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ଦାବି

ସମ୍ବଲପୁର,୧୦/୬(ନି/ପ୍ର): ପ୍ରୋଗ୍ରେସିଭ ସମ୍ବଲପୁରର ଏକ ପ୍ରତିନିଧି ଦଳ ଆବାହକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ବିଭିନ୍ନ ସଂଗଠନର ପ୍ରତିନିଧି ଦଳ ଆଜି ସମ୍ବଲପୁର ଡିଆରଏମଙ୍କୁ ଭେଟି ସମ୍ବଲପୁର ଓ ପାଖ ପାଖି ଅଂଚଳର ରେଳ ଯାତ୍ରୀମାନଙ୍କ ସୁବିଧା ପାଇଁ ସମ୍ବଲପୁର-ପୁରୀ ଇଂଟରସିଟି ଏକ୍ସପ୍ରେସ (୧୮୩୦୩) ଓ ପୁରୀ-ସମ୍ବଲପୁର ଇଂଟରସିଟି ଏକ୍ସପ୍ରେସର (୧୮୩୦୪) ସମ୍ବଲପୁର ଲୋକଙ୍କ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ସେ ଦିଗରେ ଆଲୋକପାତ କରିଥିଲେ। ଏହି ଟ୍ରେନ ସମ୍ବଲପୁର ଓ ପଶ୍ଚିମ ଓଡ଼ିଶାକୁ ରାଜଧାନୀ ଭୁବନେଶ୍ୱର ସହ ଯୋଡ଼ିଥିବା ଏକ ପ୍ରମୁଖ ଯାତ୍ରୀବାହୀ ଟ୍ରେନ ହୋଇଥିବା ବେଳେ ହଜାର ହଜାର ସରକାରୀ ଓ ଘରୋଇ କର୍ମଚାରୀ, ଛାତ୍ରଛାତ୍ରୀ, ଉଚ୍ଚ ଚିକିତ୍ସା ଯାଉଥିବା ରୋଗୀ, ବ୍ୟବସାୟୀ ଓ ସାଧାରଣ ଲୋକ ଏହା ଉପରେ ନିର୍ଭର କରିଥାନ୍ତି । ପୁରୀ-ସମ୍ବଲପୁର ଇଂଟରସିଟି ଟ୍ରେନର ନିୟମିତ ବିଳମ୍ବ ଯୋଗୁଁ ଅନେକ ସମୟରେ ଟ୍ରେନ ରାତି ୧୨ଟା ପରେ ସମ୍ବଲପୁର ପହଂଚୁଥିବାରୁ ଯାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ମହିଳା, ବୟସ୍କ, ରୋଗୀ ଓ ଦୈନିକ ଯାତ୍ରୀମାନଙ୍କ ପାଇଁ ଏହା ଗୁରୁତର ସମସ୍ୟା ସୃଷ୍ଟି କରୁଛି । ସେହିପରି ସମ୍ବଲପୁର ରେଳ ଷ୍ଟେସନର ୫ ଓ ୬ ନମ୍ବର ପ୍ଲାଟଫର୍ମରୁ ଇଂଟରସିଟି ଟ୍ରେନ ଚଳାଚଳ ଯୋଗୁଁ ସାଧାରଣ ତଥା ସମସ୍ତ ବର୍ଗର ଯାତ୍ରୀଙ୍କୁ ହେଉଥିବା ଅସୁବିଧା ସମ୍ପର୍କରେ ମଧ୍ୟ ଡିଆରଏମଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ପ୍ରୋଗ୍ରେସିବ ସମ୍ବଲପୁର ପକ୍ଷରୁ ସମ୍ବଲପୁର ସିଟି ଷ୍ଟେସନରେ ସମ୍ବଲପୁର-ପୁରୀ ଇଂଟରସିଟି ଟ୍ରେନର ରହଣି ପ୍ରଦାନ ପାଇଁ ଦୃଢ ଦାବି କରାଯାଇଥିଲା। ବିଶେଷ ଭାବରେ ଫାଟକ ଷ୍ଟେସନ( ସମ୍ବଲପୁର ରୋଡ଼ ଷ୍ଟେସନ ) ବନ୍ଦ ହୋଇଯାଇଥିବାରୁ ସହରର ଅନ୍ୟ ଅଂଚଳର ବହୁ ସଂଖ୍ୟକ ଯାତ୍ରୀ ସିଟି ଷ୍ଟେସନରେ ରହଣି ଦାବି କରୁଛନ୍ତି । ଡିଆରଏମ ପ୍ରତିନିଧି ଦଳକୁ ଆଶ୍ୱାସନ ଦେଇ କହିଥିଲେ ଯେ, ଉଠାଯାଇଥିବା ଦାବିଗୁଡ଼ିକୁ ରେଳ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ସହ ବିଚାର କରାଯାଉଛି। ଯାତ୍ରୀମାନଙ୍କ ସୁବିଧା ପାଇଁ ଲିଫ୍ଟ ଓ ଏସ୍କାଲେଟର ବ୍ୟବସ୍ଥା କରାଯିବ, ସମ୍ବଲପୁର ସିଟି ଷ୍ଟେସନର କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରାଯିବ, ଏବଂ ସମ୍ବଲପୁର ସିଟି ଷ୍ଟେସନରେ ଇଂଟରସିଟି ଟ୍ରେନର ହଲ୍ଟ ପ୍ରଦାନ ପ୍ରସ୍ତାବ ଉପରେ ପଦକ୍ଷେପ ନେବା ପାଇଁ ସୂଚନା ଦେଇଥିଲେ ।

# ବିଦ୍ୟୁତ ବିଭ୍ରାଟ ନେଇ ବିଜେଡିର ହଲ୍ଲାବୋଲ୍

## ଟିପିଡବ୍ଲୁଓଡ଼ିଏଲକୁ ଦାବିପତ୍ର ଦେଲେ ଦୀପାଳି ଦାସ




ଝାରସୁଗୁଡା,୧୦/୬(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଲାଗି ରହିଥିବା ଅଘୋଷିତ ବିଦ୍ୟୁତ କାଟ୍ ଓ ଲୋ-ଭୋଲଟେଜ୍ ସମସ୍ୟାକୁ ନେଇ ସୋମବାର ବିଜୁ ଜନତା ଦଳ ପକ୍ଷରୁ ଜୋରଦାର ପ୍ରତିବାଦ କରାଯାଇଛି। ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ତଥା ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପଳି ଦାସଙ୍କ ନେତୃତ୍ୱରେ ଶତାଧିକ ମହିଳା କର୍ମୀ ଓ ଦଳୀୟ ନେତାମାନେ ଏକ ବିରାଟ ରାଲିରେ ସାମିଲ ହୋଇ ଟିପିଡବ୍ଲୁଓଡ଼ିଏଲ କାର୍ଯ୍ୟାଳୟରେ ପହଂଚି ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବେହେରାମାଲସ୍ଥିତ ଡି.ଆର.ଡି.ଏ. କାର୍ଯ୍ୟାଳୟରୁ ଆରମ୍ଭ ହୋଇଥିବା ଏହି ରାଲି ଟିପିଡବ୍ଲୁଓଡ଼ିଏଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଂଚିଥିଲା। ଦାବିପତ୍ରରେ ଜିଲ୍ଲାରେ ଚାଲିଥିବା ବାରମ୍ବାର ବିଦ୍ୟୁତ ବିଭ୍ରାଟ ଓ ଲୋ-ଭୋଲଟେଜ୍ ସମସ୍ୟାର ତୁରନ୍ତ ସମାଧାନ ସହ ପ୍ରଭାବିତ ଅଟଂଳଗୁଡ଼ିକରେ ନୂତନ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଦାବି କରାଯାଇଛି। ଦୀପାଳି ଦାସ କହିଛନ୍ତି ଯେ, ଜିଲ୍ଲାରେ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ ଅତିକ୍ରମ କରୁଥିବା ବେଳେ ନିରନ୍ତର ବିଦ୍ୟୁତ କାଟ୍ ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି। ବିଶେଷକରି ଶିଶୁ, ବୃଦ୍ଧବୃଦ୍ଧା ଓ ଅସୁସ୍ଥ ବ୍ୟକ୍ତିମାନେ ଏଥିରେ ସର୍ବାଧିକ ପ୍ରଭାବିତ ହେଉଛନ୍ତି। ଏଭଳି ସ୍ଥିତିରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଏକ ମୌଳିକ ଆବଶ୍ୟକତାରେ ପରିଣତ ହୋଇଛି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ପୂର୍ବ ବିଜେଡି ସରକାର ସମୟରେ ଲୋ-ଭୋଲଟେଜ୍ ସମସ୍ୟା ସମାଧାନ ଓ ନୂତନ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ପର୍ଯ୍ୟାପ୍ତ ପାଣ୍ଠି ବ୍ୟବସ୍ଥା କରାଯାଇଥିଲା। ଏହି ପାଣ୍ଠିର ସଠିକ୍ ବ୍ୟବହାର କରି ଟିପିଡବ୍ଲୁଓଡ଼ିଏଲ କର୍ତ୍ତୃପକ୍ଷ ପ୍ରଭାବିତ ଅଂଚଳରେ ଶୀଘ୍ର ଟ୍ରାନ୍ସଫର୍ମର ସ୍ଥାପନ କରିବାକୁ ସେ ଦାବି କରିଛନ୍ତି। ନିୟମିତ ବିଦ୍ୟୁତ ବିଲ୍ ପୈଠ କରୁଥିବା ଉପଭୋକ୍ତାଙ୍କୁ ନିକୃଷ୍ଟ ସେବା ମିଳିବା ଦୁଃଖଦ ଓ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ଏହା ସହ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଓ ଗରିବ ପରିବାରଙ୍କ କିଛି ବକେୟା ବିଦ୍ୟୁତ ବିଲ୍ ଥିଲେ ମଧ୍ୟ ଗ୍ରୀଷ୍ମ ଋତୁରେ ସେମାନଙ୍କ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ନକରିବାକୁ କମ୍ପାନୀକୁ ଅନୁରୋଧ କରାଯାଇଛି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, ଜୟନ୍ତୀ ବାହୁକ, ପିଂଟୁ ପାଢ଼ୀ, ରଘୁମଣି ପଟେଲ, ରବି ସିଂ, ତାପସ ରାୟ ଚୌଧୁରୀ, ଅଶୋକ ଦାସ, ଆଲୋକ ତ୍ରିପାଠୀ, ପଖ୍ୱନ ସିଂ ଯାଦବ, ସନ୍ଦୀପ ଅବସ୍ଥି, ଶଶୀଭୂଷଣ ତିୱାରୀ, ଦାମୋଦର ନାଥ, ଜଗନ୍ନାଥ ଜେନା, ରୁବିନ ପାଣ୍ଡେ, ଗୋପାଳ ପଟ୍ଟନାୟକ, ନଭନୀତ କୌର, ନାଗେଶ୍ୱରୀ ବୋନେଲା, ରୋଜାଲିନ ପଟେଲ ଓ ପବନ ଶର୍ମାଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ରହି ଦାବିକୁ ସମର୍ଥନ ଜଣାଇଥିଲେ।

# ଲଖନପୁରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ



ଝାରସୁଗୁଡା,୧୦/୬(ନି/ପ୍ର): ଲଖନପୁର ବ୍ଲକରେ ମିଳିତ ଜନଶୁଣାଣି ଶିବିର ସମାପ୍ତ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଅଂଚଳରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରାଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଲଖନପୁର ବିଡ଼ିଓ ବିନୟ କୁମାର ପଟେଲ ପ୍ରମୁଖ ସ୍ଥାନୀୟ ଅଂଚଳ ଗସ୍ତ କରି ଭିତିଭୂମି ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ କନକତୋରା ଗ୍ରାମପଂଚାୟତର ଝାରଗାଁ ଗ୍ରାମ ଦେଇ ଯାଇଥିବା ଦୟାଡେରା ଠାରୁ ପ୍ରସିଦ୍ଧ 'ଝରନ' ପର୍ଯ୍ୟଟନ ସ୍ଥଳୀ ପର୍ଯ୍ୟନ୍ତ ବିସ୍ତାରିତ ରାସ୍ତାର ନିର୍ମାଣ ସ୍ଥିତି ଅନୁଧ୍ୟାନ କରିଥିଲେ। ପର୍ଯ୍ୟଟକଙ୍କ ଗମନାଗମନ ସୁବିଧା ପାଇଁ ଏହି ରାସ୍ତାର ଗୁଣବତା ବଜାୟ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହା ପରେ ଜିଲ୍ଲାପାଳ ଓ ବିଡ଼ିଓ କନକତୋରା ଠାରେ ନିର୍ମାଣଧୀନ ରାଜସ୍ୱ ଡାକବଙ୍ଗଳା କାର୍ଯ୍ୟସ୍ଥଳୀ ପରିଦର୍ଶନ କରିଥିଲେ। ସେଠାରେ ଉପସ୍ଥିତ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଡାକବଙ୍ଗଳା ନିର୍ମାଣ ପାଇଁ ଆହୂତ ଟେଣ୍ଡର ପ୍ରକ୍ରିୟାର ଅଗ୍ରଗତି ଏବଂ ବୈଷୟିକ ଦିଗ ଉପରେ ପଚାରି ବୁଝିଥିଲେ। ଏହି ପ୍ରକ୍ରିୟାକୁ ଶୀଘ୍ର ଶେଷ କରି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ କହିଛନ୍ତି। ଏହି ଗସ୍ତ କ୍ରମରେ ଜିଲ୍ଲାପାଳ କନକତୋରା ସ୍ଥିତ ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ସେଠାକାର ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଜରୁରୀକାଳୀନ ପରିସ୍ଥିତିରେ ସ୍ଥାନୀୟ ଲୋକଙ୍କ ସୁରକ୍ଷା ପାଇଁ ଏହି କେନ୍ଦ୍ରର ପ୍ରସ୍ତୁତି ଏବଂ ଆନୁଷଙ୍ଗିକ ସୁବିଧା ସୁନିଶ୍ଚିତ କରିବାକୁ ସେ ବିଡ଼ିଓ ଶ୍ରୀ ପଟେଲଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରଶାସନର ଏହି କ୍ଷେତ୍ର ପରିଦର୍ଶନ ସମୟରେ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ଓସ୍ତପୁରରେ ମୁଗମଣ୍ଡି ଉଦ୍‌ଘାଟିତ

କେନ୍ଦ୍ରାପଡା, ୧୦/୬:କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର କୃଷି ସମବାୟ ସମିତିରେ ମୁଗମଣ୍ଡି ଉଦ୍ଘାଟିତ ହୋଇଯାଇଛି । ମଣ୍ଡିକୁ ଆନୁଷ୍ଠାନିକ ଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳକ ତାପସ ପ୍ରସାଦ ସିଂ ଓ ସମବାୟ ସମିତିର ସଭାପତି ପ୍ରଦ୍ୟୁମ୍ନ ଜେନା ଉଦ୍ଘାଟନ କରିଥିଲେ । ସରକାର ମୁଗ, ବିରି, ସୂର୍ଯ୍ୟମୁଖୀ, ଚିନାବାଦାମ ଓ ସୋରିଷ ଚାଷୀଙ୍କ ଠାରୁ କ୍ରୟ କରିବା ପାଇଁ ଏହି ମଣ୍ଡିର ଉଦ୍ଘାଟନ କରାଯାଇଛି । ମୁଗ ୮ହଜାର ୭୬୮ ଟଙ୍କା କ୍ୱିଂଟାଲ୍, ବିରି ୭ ହଜାର ୮ଶହ କ୍ୱିଂଟାଲ, ଚିନାବାଦାନ ୭ ହଜାର ୨୬୩ ଟଙ୍କା କ୍ୱିଂଟାଲ୍, ସୂର୍ଯ୍ୟମୁଖୀ ୭ ହଜାର ୭୨୧ ଟଙ୍କା, ସୋରିଷ ୬ ହଜାର ୨ ଶହ ଟଙ୍କା ସହାୟକ ମୂଲ୍ୟ ପ୍ରତି କ୍ୱିଂଟାଲ୍ ପିଛାରେ କିଣିବା ପାଇଁ ସ୍ଥିର କରାଯାଇଛି ।

# ନିର୍ମାଣରେ ଅନିୟମିତତା ଅଭିଯୋଗ : ପ୍ରଶାସନର ନିରବତାକୁ ନେଇ ପ୍ରଶ୍ନ

ଝାରସୁଗୁଡା,୧୦/୬(ନି/ପ୍ର): ଲଇକେରା ବ୍ଲକ ଅନ୍ତର୍ଗତ ଭାତଲଇଡ଼ା ପଂଚାୟତରେ ଚାଲିଥିବା ଏକ ନିର୍ମାଣ କାର୍ଯ୍ୟକୁ ନେଇ ଦୁର୍ନୀତି ଓ ନିମ୍ନମାନର କାମ ଅଭିଯୋଗ ଏବେ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଭାତଲଇଡ଼ା ସାପ୍ତାହିକ ହାଟ ନିକଟରେ ନିର୍ମାଣାଧୀନ ଏକ ଘରର ଗୁଣବତା ଓ ନିର୍ମାଣ ପ୍ରକ୍ରିୟାକୁ ନେଇ ଗୁରୁତର ପ୍ରଶ୍ନ ଉଠିଥିବା ବେଳେ ପ୍ରଶାସନର ନିରବତା ସାଧାରଣ ଲୋକଙ୍କ ଅସନ୍ତୋଷକୁ ବଢ଼ାଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଘରର ଭିତର ଫିଲିଂ କାମରେ ପାଉଁଶ (ଫ୍ଲାଏଆସ୍) ବ୍ୟବହାର କରାଯାଇଥିବା ସହ ଇଟା ଯୋଡ଼େଇ କାମରେ ନିର୍ଦ୍ଧାରିତ ମାନକ ଅନୁଯାୟୀ ସିମେଂଟ ଓ ବାଲି ବ୍ୟବହାର କରାଯାଇନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସମାଜସେବୀ ଅଶୋକ ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଉମାଶଙ୍କର ପ୍ରଧାନଙ୍କ ସମେତ ଅନେକ ସଚେତନ ନାଗରିକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରି ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ପଂଚାୟତ କାର୍ଯ୍ୟାଳୟ ପରିସରରେ ସମାନ ପ୍ରକାରର ଅଭିଯୋଗ ଉଠିବା ପରେ ସଂପୃକ୍ତ ଠିକାଦାର ନିର୍ମିତ ଘରକୁ ଭାଙ୍ଗି ଦେଇଥିଲେ। ତେବେ ସାପ୍ତାହିକ ହାଟ ନିକଟରେ ନିର୍ମାଣାଧୀନ ଅନ୍ୟ ଘର କ୍ଷେତ୍ରରେ ପ୍ରଶାସନ କାହିଁକି ନିରବ ରହିଛି ବୋଲି ସାଧାରଣ ଲୋକ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ, ଉକ୍ତ ନିର୍ମାଣ କାର୍ଯ୍ୟ କେଉଁ ବିଭାଗ ଦ୍ୱାରା, କେଉଁ ଯୋଜନାରେ ଏବଂ କେତେ ଅର୍ଥ ବ୍ୟୟରେ କରାଯାଉଛି ସେ ସମ୍ପର୍କରେ କୌଣସି ସୂଚନା ଫଳକ ପ୍ରଦର୍ଶନ କରାଯାଇନଥିବାରୁ ସ୍ୱଚ୍ଛତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଘଟଣାର ଶୀଘ୍ର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆନଗଲେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ ଗଢ଼ିଉଠିବାର ସମ୍ଭାବନା ରହିଛି।



ଦେବଗଡ଼ ରିଆମାଳ ବ୍ଲକ କଲ୍ୟାଣମଣ୍ଡପଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

# ଏସସି-ଏସଟି ମିଳିତ ମଂଚର ଆଇନ ଅମାନ୍ୟ ଆନ୍ଦୋଳନ ଚେତାବନୀ

ବଲାଙ୍ଗିର,୧୦/୬(ନି/ପ୍ର): ଏସସି-ଏସଟି ମିଳିତ ମଂଚ ଆଇନ ଅମାନ୍ୟ ଆନ୍ଦୋଳନ ଲାଗି ଚେତାବନୀ ଦେଇଛି। ବଲାଙ୍ଗିର ଜିଲ୍ଲା କଂଟାବାଞ୍ଜି ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଏସସି-ଏସଟି ମିଳିତ ମଂଚ କଂଟାବାଞ୍ଜି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ରେ ଏହି ଚେତାବନୀ ଦିଆଯାଇଛି। ଏଥିରେ ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ନିରୁପମା ମାଝୀ ଲକ୍ଷେ ଘର ଗଣ୍ଡା ସମାଜ ସଭାପତି ଗୋବିନ୍ଦ ତାଣ୍ଡି ବଲାଙ୍ଗିର ଜିଲ୍ଲା ପରିଷଦ ଉପାଧକ୍ଷା ମିଥିଳା ମାଝୀ ଉପସ୍ଥିତ ଥିଲେ। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମୁଦାୟଙ୍କ ସାମ୍ବିଧାନିକ ଅଧିକାର, ଶିକ୍ଷା, ଜୀବିକା,ଜମି ସୁରକ୍ଷା ଓ ସାମାଜିକ ନ୍ୟାୟ ପ୍ରସଙ୍ଗ ରେ କମିଟି ପକ୍ଷରୁ ୧୦ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ସାମ୍ବାଦିକ ସମ୍ମିଳନୀ ରେ କମିଟି ପକ୍ଷରୁ କୁହାଯାଇଛି ଯେ ଭାରତୀୟ ସମ୍ବିଧାନ ର ଅନୁଛେଦ ୧୪.୧୫(୪).୧୬(୪).୨୧.୪୬.ପଂଚମ ସୂଚୀ. ଏସସି/ଏସଟି ଅତ୍ୟାଚାର ନିବାରଣ ଆଇନ.ପେସା ଆଇନ ଓ ଜଙ୍ଗଲ ଅଧିକାର ଆଇନ୍ ଅନୁସାରେ ଏହି ସମୁଦାୟଙ୍କ ସୁରକ୍ଷା ଓ ଉନ୍ନତି ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ କିନ୍ତୁ ବିଭିନ୍ନ କ୍ଷେତ୍ରରେ ଏସସି/ଏସଟି ସମୁଦାୟ ଙ୍କ ଅଧିକାର ପ୍ରଭାବିତ ହେଉଥିବାରୁ ଏହି ଦାବିଗୁଡିକ ଉଠାଯାଇଛି। କମିଟି ପକ୍ଷରୁ ଅନ୍ୱେଷା ଯୋଜନାକୁ ପୁନଃ ଚାଲୁ କରିବା ଜିଏନ୍‌ଏମ୍ ଓ ବିଏସସି ନର୍ସି ଛାତ୍ରଛାତ୍ରୀ ଙ୍କ ପାଇଁ ବାର୍ଷିକ ୫୦ ହଜାର ଟଙ୍କା ଛାତ୍ରବୃତ୍ତି ଜାରି ରଖିବା ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ର ବୃତି ପୁନଃ କାର୍ଯ୍ୟକାରୀ ରହିବା, ଏସସି/ଏସଟି ଅତ୍ୟାଚାର ନିବାରଣ ଆଇନ ର କଡାକଡି କାର୍ଯ୍ୟାନ୍ୱୟନ ଏବଂ ପେସା ଆଇନ କୁ ସମ୍ପୂର୍ଣ୍ଣ ଭାବେ ଲାଗୁ କରିବା ଦାବି କରାଯାଇଛି। ସେହିପରି ପଂଚାୟତରାଜ ନିର୍ବାଚନରେ ସଂରକ୍ଷଣ ବ୍ୟବସ୍ଥା ପୁନଃ ବହାଲ,ଏସସି/ଏସଟି ଜମିର ବେଆଇନ ହସ୍ତାନ୍ତର ରୋକିବା ଜମିହୀନ ପରିବାର ଙ୍କ ଘର ଭଙ୍ଗା ବନ୍ଦ କରିବା ଗ୍ରାମସଭାର ଅନୁମୋଦନ ବିନା ଖଣି ଓ ଶିଳ୍ପ ପ୍ରକଳ୍ପକୁ ଅନୁମତି ନ ଦେବା ଏବଂ ଯୋଗ୍ୟ ଆଦିବାସୀ ଓ ବନବାସୀ ପରିବାର ଙ୍କୁ ଜଙ୍ଗଲ ଜମି ଅଧିକାର ପ୍ରଦାନ କରିବା ପାଇଁ ସରକାର ଙ୍କୁ ଦାବି କରାଯାଇଛି। କମିଟି କହିଛି ଯେ ଏହି ସମସ୍ତ ଦାବୀ କେବଳ ଏକ ସମୁଦାୟ ର ସ୍ୱାର୍ଥ ସହ ଜଡ଼ିତ ନୁହେଁ, ବରଂ ସାମାଜିକ ନ୍ୟାୟ ସମାନତା ଓ ସମ୍ବିଧାନର ମୂଳ ଆଦର୍ଶ ସହ ଜଡ଼ିତ। ଗଣମାଧ୍ୟମ ଏହି ଜନସ୍ୱାର୍ଥ ସମ୍ବନ୍ଧୀୟ ପ୍ରସଙ୍ଗ ଗୁଡ଼ିକୁ ସରକାର ଓ ସାଧାରଣ ଲୋକଙ୍କ ନିକଟରେ ପହଂଚାଇବେ ବୋଲି ମିଳିତ ମଂଚ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀ ରେ ମନୋରଞ୍ଜନ ଭୋଇ, ଭୁବନେଶ୍ୱର କୁଅଁର,ରସିକ ଧରୁଆ,ଚୈତନ କିଶୋର ମାଝି, ରାମଚନ୍ଦ୍ର ଶବର, ଖେଳନ୍ତି ସମର୍ଥ, ନରୋତମ ମାଝି, ଗୋବିନ୍ଦ ବର୍ଗେ, ଦୈତାରି ଭୋଇ, ଗିରି ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶିଲ ପ୍ରାଥମିକ ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପିତ

ବଲାଙ୍ଗିର,୧୦/୬(ନି/ପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ବିଟାବନ୍ଧ କ୍ଲଷ୍ଟର ତଥା ମାଲିଶିରା ପଂଚାୟତ ଦେଶିଲ ଗ୍ରାମ ପ୍ରାଥମିକ ବିଦ୍ୟାଳୟକୁ ରବିବାର ଓଡ଼ିଶା ସରକାରଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସ ଜରିଆରେ ଦ୍ୱିତୀୟ ପର୍ଯ୍ୟାୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନାମରେ ରୂପାନ୍ତରିତ କରିଛନ୍ତି । ଏହି ଜନାଭିମୁଖୀ କାର୍ଯ୍ୟକ୍ରମର ଶିଳାନ୍ୟାସ ନିମନ୍ତେ ଏକ ବିଶାଳ ସଭା ମହା ସମାରୋହରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମଂଚରେ କଂଟାବାଞ୍ଜି ବିଧାୟକଙ୍କ ପ୍ରତିନିଧି ରୂପେ ବ୍ଲକ ପ୍ରତିନିଧି ଗଙ୍ଗାଧର ହେର୍ଦ୍ଧା, ମୁରିବାହାଲ ତହସିଲଦାର ଜଗଦିଶ କର୍ତ୍ତାମୀ, ମୁରିବାହାଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋଦଣ୍ଡଧର ଭୋଇ, ମାଲିଶିରା ସରପଂଚ ଦେବରାଜ ପାତ୍ର, ମାଲିଶିରା ହାଇସ୍କୁଲ ପ୍ରଧାନଶିକ୍ଷକ ପୁରୁଷୋତମ ବାଗ, ମାଲିଶିରା ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ଜୁନ ଛୁରା, ପୂର୍ବତନ ସରପଂଚ ଡୋଳାମଣୀ ବାଗ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୁପ୍ତେଶ୍ୱର ଟାକ୍ରୀ, ବିଟାବନ୍ଧ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଲକ୍ଷପତି ହରପାଲ, ବିଦ୍ୟାଳୟ ପରିଚାଳନା ସଭାପତି ରଘୁନାଥ ତାଣ୍ଡି ଓ ମଣ୍ଡଳ ସଭାପତି ସୁବାସ ପୋଡ଼ ପ୍ରମୁଖ ସମ୍ମାନିତ ଅତିଥି ରୂପେ ମଂଚାସୀନ ହୋଇଥିଲେ । ଏହି ସମାରୋହକୁ ସହଯୋଗ ତଥା ସାଫଲ୍ୟ ମଣ୍ଡିତ କରିବା ନିମନ୍ତେ ଏକ କମିଟି ଗଠନ ହୋଇଥିଲା। ଏହି କମିଟିରେ ହଳଦୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ଝାଙ୍କର, ମାଲିଶିରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁରୁଷୋତମ ବାଗ, ପତ୍ରାପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ଛତ୍ରିଆ, ସିରୋଲ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଧୀର କୁମାର ନାଗ, ଗଁରେଇ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ଦାସ, ବଡ଼ସାଇମରା ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ନକୁଳ ମାଝୀ, ହଳଦୀ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜିକା ଯାଜ୍ଞସେନୀ ଜେନାଙ୍କ ସହିତ ସମସ୍ତ ଆଂଚଳିକ ସାଧନ କେନ୍ଦ୍ରର ସଂଯୋଜକ ବିଭିନ୍ନ ବିଭାଗର ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ କରିଥିଲେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମଟି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଭିଡିଓ କନଫରେନ୍ସ ଜରିଆରେ ଭିତିପ୍ରସ୍ତର ସ୍ଥାପନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ ରୁପାୟନ କରିବା ସକାଶେ ଗ୍ରାମର ସମସ୍ତ ଭଦ୍ରବ୍ୟକ୍ତି ପୁରୁଷ ମହିଳା ତଥା କୁନିକୁନି ଛାତ୍ରଛାତ୍ରୀମାନେ ମଧ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ମଂଚ ସଂଯୋଜନା ଦାୟିତ୍ୱରେ ବାନ୍ଦୁପଲା ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଲିଲୁମୋହନ ପଧାନ ତୁଲାଇ ଥିଲେ । ଏଥିରେ ଥାନା ପୋଲିସ କର୍ମୀ, ଅଗ୍ନିଶମ ବିଭାଗ କର୍ମଚାରୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେଶିଲ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ସହଯୋଗ କରିଥିଲେ ।

# ଲଖନପୁର ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

## ୪୪ଟି ଅଭିଯୋଗର ଶୁଣାଣି

ଝାରସୁଗୁଡା,୧୦/୬(ନି/ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆଜି ଲଖନପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ଜନସାଧାରଣଙ୍କ ସମସ୍ୟାର ସରଳ, ସୁଚାରୁ ଏବଂ ଶୀଘ୍ର ସମାଧାନ କରିବା ଲକ୍ଷ୍ୟରେ ଆୟୋଜିତ ଏହି ଶିବିରରେ ମୋଟ୍ ୪୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୩୭ଟି ବ୍ୟକ୍ତିଗତ ସମସ୍ୟାଭିତିକ ହୋଇଥିବା ବେଳେ ୭ଟି ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା। ଶିବିରରେ ପ୍ରତ୍ୟେକଟି ଆବେଦନକୁ ଗୁରୁତ୍ୱର ସହ ବିଚାର କରାଯାଇ କେତେକ ଜଟିଳ ସମସ୍ୟାର ତତ୍କାଳ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳଙ୍କ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।ଏହି ସମାଧାନ ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ସହକାରୀ ଜିଲ୍ଲାପାଳ (ଅଭିଯୋଗ ପ୍ରକୋଷ୍ଠ) ଏବଂ ବିଭିନ୍ନ ସରକାରୀ ବିଭାଗର ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ପ୍ରତ୍ୟକ୍ଷ ଶୁଣାଣି କରିଥିଲେ। ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୫ ଜଣ ଆବେଦନକାରୀଙ୍କୁ ୫୦,୦୦୦ ଟଙ୍କାର ଆର୍ଥିକ ସହାୟତା ତତ୍କାଳ ମଞ୍ଜୁର କରାଯାଇ ପ୍ରଦାନ କରାଯାଇଛି।ଶିବିରରେ ମୁଖ୍ୟତଃ ସ୍ଥାନୀୟ ଅଂଚଳର ବିଦ୍ୟୁତ ସେବା ଜନିତ ସମସ୍ୟା, ଧାନ ସଂଗ୍ରହ ପ୍ରକ୍ରିୟା, ମଣ୍ଡି ଟୋକନ ସମସ୍ୟା, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଏବଂ ବିଭିନ୍ନ ସରକାରୀ ଯୋଜନାରେ ଆର୍ଥିକ ସହାୟତା ପାଇଁ ଆବେଦନ ପତ୍ର ଆସିଥିଲା।




# ଆରଏମସି କମିଶନରଙ୍କ ବନ୍ଧମୁଣ୍ଡା ଅଂଚଳ ପରିଦର୍ଶନ :

## ନାଗରିକଙ୍କ ସମସ୍ୟାର ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ



ରାଉରକେଲା,୧୦/୬(ନି/ପ୍ର): ମଙ୍ଗଳବାର ଦିନ ରାଉରକେଲା ମ୍ୟୁନିସିପାଲ୍ କର୍ପୋରେସନ୍(ଜଗଉ) କମିଶନର ସୁଶ୍ରୀ ଦୀନାଃ ଦସ୍ତଗିର ନାଗରିକ ଭିତ୍ତିଭୂମିର ମୂଲ୍ୟାଙ୍କନ ଏବଂ ଜନସାଧାରଣଙ୍କ ଅଭିଯୋଗର ସମାଧାନ ପାଇଁ ବନ୍ଧମୁଣ୍ଡାର ବିଭିନ୍ନ ଅଂଚଳ ପରିଦର୍ଶନ କରିଥିଲେ । ସେଥିମଧ୍ୟରେ ମୁଖୀ ବସ୍ତି, ଡିଜେଲ କଲୋନି, ଶ୍ରୀମନ୍ଦିର ବସ୍ତି, ଚୁଡି ବସ୍ତି ଏବଂ ଡି-କ୍ୟାବିନ ଅଂଚଳର ବ୍ୟାପକ କ୍ଷେତ୍ର ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ, କମିଶନର ସ୍ଥାନୀୟ ବାସିନ୍ଦାଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ ଏବଂ ସମ୍ପ୍ରଦାୟକୁ ପ୍ରଭାବିତ କରୁଥିବା ବିଭିନ୍ନ ସମସ୍ୟାର ସମୀକ୍ଷା ମଧ୍ୟ କରିଥିଲେ । ସେ ଜନସାଧାରଣଙ୍କ ସମସ୍ୟାର ତୁରନ୍ତ ସମାଧାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ସେଗୁଡ଼ିକୁ ସମାଧାନ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆରଏସପି କମିଶନର ସୁଶ୍ରୀ ଦସ୍ତଗିର ଅଂଚଳର ଡ୍ରେନେଜ୍ ଏବଂ ରାସ୍ତା ଭିତ୍ତିଭୂମି ଯାଂ କରିବା ସହିତ ଏଥିରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଯୋଜନା କାର୍ଯ୍ୟକାରୀ କରିବାରେ ଆବଶ୍ୟକୀୟ ଉନ୍ନୟନ କାର୍ଯ୍ୟ ଅନ୍ତର୍ଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବନ୍ଧମୁଣ୍ଡାର ପରିମଳ ସେବାକୁ ସୁଦୃଢ଼ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଏବଂ ସରକାରୀ ଶୌଚାଳୟଗୁଡ଼ିକର ଆବଶ୍ୟକ ମରାମତି ଏବଂ ରକ୍ଷଣାବେକ୍ଷଣ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । କ୍ରୀଡା ଏବଂ ଯୁବ ବିକାଶକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ଉପରେ ଆଲୋକପାତ କରି, କମିଶନର ଖେଳ ପଡ଼ିଆର ଉନ୍ନତିକରଣ ଏବଂ ସ୍ଥାନୀୟ କ୍ରୀଡାବିତ ଏବଂ ବାସିନ୍ଦାଙ୍କ ପାଇଁ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ଯୋଗାଇବା ପାଇଁ ଆହ୍ୱାନ କରିଥିଲେ । ଅଂଚଳର ଲୋକଙ୍କ ପାଇଁ ଉନ୍ନତ ନାଗରିକ ସୁବିଧା ଏବଂ ଜୀବନର ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ସୁଶ୍ରୀ ଦସ୍ତଗୀର୍ ଅନୁରୋଧ କରିଥିଲେ । ଏହି କ୍ଷେତ୍ର ପରିଦର୍ଶନ ସହର ସାରା ତୃଣମୂଳ ସ୍ତରୀୟ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ସହିତ ଭିତ୍ତିଭୂମି ଏବଂ ପରିମଳ ଉନ୍ନତିକୁ ତ୍ୱରାନ୍ୱିତ କରିବା ପାଇଁ ଆରଏମସି ଦ୍ୱାରା ଜାରି ପ୍ରୟାସର ଏହା ଏକ ଅଂଶ ।

# ହକି ଖେଳାଳି ସ୍ୱିଟି କୁଜୁର ଓ ଅର୍ମାନ ଲାକ୍ରା ସମ୍ବର୍ଦ୍ଧିତ



ରାଉରକେଲା,୧୦/୬(ନି/ପ୍ର): ସୁନ୍ଦରଗଡ଼ଜିଲ୍ଲା ଏବଂ ଓଡ଼ିଶା କ୍ରୀଡ଼ା ଜଗତ ପାଇଁ ଏକ ଗର୍ବର ମୁହୂର୍ତ୍ତରେ ଆଜି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଏବଂ କ୍ରୀଡ଼ା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସୁଶ୍ରୀ ଦୀନା ଦସ୍ତଗୀର ଆଜି ନିକଟରେ ସମ୍ପନ୍ନ ହୋଇଥିବା ଅଣ୍ଡର-୧୮ ଏସିଆ କପ୍ ହକି ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଦୁଇଜଣ ଯୁବ ହକି ଖେଳାଳି ଅର୍ମାନ ଲାକ୍ରା (୧୬ ବର୍ଷ) ଏବଂ ସ୍ୱିଟି କୁଜୁର (୧୬ ବର୍ଷ)ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଅର୍ମାନ ଲାକ୍ରା ଭାରତୀୟ ଅଣ୍ଡର-୧୮ ପୁରୁଷ ହକି ଦଳର ସଦସ୍ୟ ଭାବେ ଏସିଆ କପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ, ସ୍ୱିଟି କୁଜୁର ଭାରତୀୟ ଅଣ୍ଡର-୧୮ ମହିଳା ହକି ଦଳର ଅଧିନାୟିକା ଭାବେ ଦଳକୁ ନେତୃତ୍ୱ ପ୍ରଦାନ କରି ବ୍ରୋଞ୍ଜ ପଦକ ଜିତିବାରେ ସଫଳ ହୋଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଉଭୟ ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହିତ ସେମାନଙ୍କର ଉଜ୍ଜ୍ୱଳ କ୍ରୀଡ଼ା ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ । ଉଭୟ ଖେଳାଳି ରାଉରକେଲାସ୍ଥିତ ପାନପୋଷ କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ ହୋଇଥିବାରୁ ସେମାନଙ୍କର ଏହି ସଫଳତା ରାଜ୍ୟର କ୍ରୀଡ଼ା ପ୍ରଶିକ୍ଷଣ ବ୍ୟବସ୍ଥା ଓ ଖେଳାଳି ବିକାଶ କାର୍ଯ୍ୟକ୍ରମର ଏକ ଉଜ୍ଜ୍ୱଳ ଉଦାହରଣ ଭାବେ ପରିଗଣିତ ହୋଇଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ଉଭୟ ଖେଳାଳିଙ୍କୁ ସେମାନଙ୍କର କଠିନ ପରିଶ୍ରମ, ଶୃଙ୍ଖଳାବଦ୍ଧତା ଓ ଉତ୍ସର୍ଗୀକୃତ ମନୋଭାବ ପାଇଁ ପ୍ରଶଂସା କରିଥିଲେ ଏବଂ ଭବିଷ୍ୟତରେ ଦେଶ ଓ ରାଜ୍ୟ ପାଇଁ ଆହୁରି ସଫଳତା ଆଣିବାକୁ ଶୁଭେଚ୍ଛା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଉପ ନିର୍ଦ୍ଦେଶକ କ୍ରୀଡ଼ା, ରାଉରକେଲା ସୁଦୀପ୍ତ କୁମାର ନାୟକ ଏବଂ ଡେପୁଟି କଲେକ୍ଟର ପ୍ରାରବ୍ଧା ବଡ଼ପଣ୍ଡା ମଧ୍ୟ ଉପସ୍ଥିତ ରହି ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ଖେଳାଳିମାନଙ୍କ ସଫଳତା ପଛରେ ଥିବା ପ୍ରଶିକ୍ଷକ, ସହାୟକ କର୍ମଚାରୀ, ଅଭିଭାବକ ଏବଂ କ୍ରୀଡ଼ା ସଂସ୍ଥାଗୁଡ଼ିକର ଅବଦାନକୁ ମଧ୍ୟ ସ୍ମରଣ କରାଯାଇଥିଲା ।

# ଶ୍ରଦ୍ଧା ରେ ଇଣ୍ଟର୍ନସିଭ୍ ବିଦ୍ୟାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ ସମାରୋହ



ରାଉରକେଲା,୧୦/୬(ନି/ପ୍ର): ନୂତନ ଶିକ୍ଷାନୀତି ଅନୁଯାୟୀ ପିଲା ମାନଙ୍କର ଗ୍ରାଜୁଏସନ ଶିକ୍ଷା ପୂର୍ବରୁ ବାଧ୍ୟତାମୂଳକ ଭାବେ ସମରଭାକେସନ ସମୟରେ ୧୨୦ ଘଣ୍ଟା କୌଣସି ସାମାଜିକ ଅନୁଷ୍ଠାନ ମାଧ୍ୟମରେ ଇଣ୍ଟର୍ନସିଭ୍ ନେବାକୁ କାର୍ଯ୍ୟକ୍ରମ ରଖାଯାଇଛି । ଏଥିପାଇଁ ରାଉରକେଲା , ଭୁବନେଶ୍ୱର, କଟକ ତଥା ରାଜ୍ୟ ବାହାରୁ ଟିସ୍ ମୁମ୍ବାଇ, ଲଭଲି ୟୁନିଭରସିଟ୍ ଚଣ୍ଡୀ ଗଡ଼ ର ବିଭିନ୍ନ କଲେଜ ରୁ ୫୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶ୍ରଦ୍ଧା ସାମାଜିକ ଅନୁଷ୍ଠାନ ମାଧ୍ୟମରେ ଇଣ୍ଟର୍ନସିଭ୍ ପ୍ରୋଗ୍ରାମ ରେ ସାମିଲ ହୋଇଥିଲେ । ଗତ ଏପ୍ରିଲ ମାସ ୨୨ ତାରିଖ ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ଜୁନ୍ ୧୦ ତାରିଖ ପର୍ଯ୍ୟନ୍ତ ଅର୍ଥାତ୍ ଆଜି ଶେଷ ହୋଇଥିଲା । ଏହି ପରିପ୍ରେକ୍ଷୀରେ ବିଦ୍ୟାର୍ଥୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କାର୍ଯ୍ୟକ୍ରମ ଶ୍ରଦ୍ଧା ରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଯୁଥ ହଷ୍ଟେଲର ସଭାପତି ତଥା ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଟାଉନସିପ ର ପ୍ରାକ୍ତନ ସି.ଜି. ଏମ୍ ଶ୍ରୀ ପ୍ରତାପ କୁମାର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସମାଜ ସେବାର ଆବଶ୍ୟକତା ଓ ନିଜର କର୍ତ୍ତବ୍ୟ ସାଧନ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ମନୁଷ୍ୟ ଜନ୍ମ କେବଳ ନିଜ ପାଇଁ ନୁହେଁ । ଯେ ଯେଉଁ ଜାଗା ରେ ଥାଉନା କାହିଁକି ଆବଶ୍ୟକ ଲୋଡୁଥିବା ଭିନ୍ନକ୍ଷମ, ବରିଷ୍ଠ ନାଗରିକ , ଅନାଥ ମାନଙ୍କୁ ସେବା ଯୋଗାଇଦେବାକୁ ସମାଜର ସବୁ ବର୍ଗର ଲୋକଙ୍କର କର୍ତ୍ତବ୍ୟ ରହିଛି। ଛାତ୍ରଛାତ୍ରୀମାନେ ଅଧ୍ୟୟନ କରିବା ସମୟରେ ବହୁ ମହାପୁରୁଷଙ୍କ ବିଷୟରେ ପଢିଥିବେ ପାଇଥିବେ । ପ୍ରାକ୍ଟିକାଲ ସେ ଗୁଡ଼ିକୁ କାମରେ ଲଗାଇବା ଓ ସମାଜ ସେବା ବ୍ରତୀ ହେବା ଏହି ଇର୍ନ୍ଟନସିଭ୍ ର ଉଦ୍ଦେଶ୍ୟ। କାରଣ ସମାଜ ଗଠନରେ ଛାତ୍ରଛାତ୍ରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଅନ୍ୟତମ ସମ୍ମାନିୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ତଥା ଶିକ୍ଷାବିତ୍ ଶ୍ରୀ ରାଜା ମହାନ୍ତି ଏଥିରେ ଯୋଗ ଦେଇ କହିଥିଲେ ଯେ, ଛାତ୍ର ଛାତ୍ରୀ ମାନେ ସମାଜ ରେ ଥିବା ବିଭିନ୍ନ ପ୍ରକାରର କୁସଂସ୍କାର ର ପରିବର୍ତ୍ତନ ତଥା ନୂତନ ଦିଗନ୍ତ ର ସଂଚାର କରିପାରିବେ। ସେବା ମାଧ୍ୟମରେ ଅନେକ ଆଖିଦୃଶିଆ କାମ କରିପାରିବେ । ଏଥିପାଇଁ ଦୃଢ଼ ମନୋବଳ ରହିବା ଦରକାର । ଅନୁଷ୍ଠାନ ର ସଭାପତି ଡଃ ରାମକୃଷ୍ଣ ବିଶ୍ୱାଳ ଏବଂ କାର୍ଯ୍ୟକାରୀ ସଭାପତି ପଶୁପତିନାଥ ଚାଟାର୍ଜୀ ଏହି ମର୍ମରେ ବିଦ୍ୟାର୍ଥୀ ମାନଙ୍କୁ ସମାଜ ଗଠନରେ ଛାତ୍ରଛାତ୍ରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ଶ୍ରୀ ଚାଟାର୍ଜୀ ଦିବ୍ୟାଙ୍ଗ ପିଲାଙ୍କ ବିଶେଷ ଦେଖଭାଲ ଓ ସ୍ୱତନ୍ତ୍ର ଶିକ୍ଷା ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ କୁ ପ୍ରୋତ୍ସାହନ ଦେବାକୁ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଡ଼. ବିଶ୍ୱାଳ ତାଙ୍କ ବ୍ୟକ୍ତବ୍ୟରେ ଦର୍ଶାଇ ଥିଲେ ଯେ, ୧୨୦ ଘଣ୍ଟାର କାର୍ଯ୍ୟକ୍ରମ ସାରିଦେଇ ସାର୍ଟିଫିକେଟ ନେଇ ଗଲେ ହେବ ନାହିଁ । ଏହି ସାର୍ଟିଫିକେଟ ର ପ୍ରକୃତ ମୂଲ୍ୟାଙ୍କନ ସେତେବେଳେ ହେବ ଯେତେବେଳେ ଶ୍ରଦ୍ଧା ରୁ ପାଇଥିବା ପ୍ରାକ୍ଟିକାଲ ନଲେଜ କୁ ଆନ୍ତରିକ ଭାବେ କାମରେ ଲଗାଇବ ।

### ଆରଏସପି ମାଲ ପରିବହନକୁ ନେଇ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘ ପକ୍ଷରୁ ଚାଲିଥିବା ଧର୍ମଘଟ ପ୍ରତ୍ୟାହୃତ

# ଆରଏସପିର ମାଲ ପରିବହନ କରିବେ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର ଟିପ୍ପର

ରାଉରକେଲା,୧୦/୬(ନି/ପ୍ର): ବାହାରର ଟିପ୍ପର ଦ୍ୱାରା ରାଉରକେଲା ଇସ୍ପାତ କାରଖାନାରୁ ମାଲ ପରିବହନକୁ ନେଇ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘ ପକ୍ଷରୁ ସୋମବାର ଜୁନ୍ ୮ ତାରିଖରୁ ଆରମ୍ଭ ହୋଇଥିବା ଧର୍ମଘଟ ଆଜି ତୃତୀୟ ଦିନରେ ପହଚିଂବା ବେଳେ, ଆରଏସପି କର୍ତ୍ତୃପକ୍ଷ, ମାଲ ପରିବହନ କରୁଥିବା ଏସ୍‌ଏସ୍ ଟ୍ରେଡିଂ, ସ୍ୱସ୍ତିକ୍ ଏଣ୍ଟରପ୍ରାଇଜେସ୍ ଏବଂ ଏଟିଟ୍ୟୁଡ୍ ଏକ୍ଜିମ୍ ପ୍ରାଇଭେଟ୍ ଲିମିଟେଡ୍, ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ, ସିଆଇଏସ୍‌ଏଫ୍ ଅଧିକାରୀଙ୍କ ସମେତ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ହେବା ପରେ, ଧର୍ମଘଟକୁ ପ୍ରତ୍ୟାହୃତ କରାଯାଇଛି। ଆଲୋଚନାରେ ଅଂଶଗ୍ରହଣ କରିଥିବା ରାଉରକେଲା ଇସ୍ପାତ କାରଖାନାର ଅଧିକାରୀଙ୍କ ସର୍ତ୍ତାବଳୀରେ ସମସ୍ତ ପକ୍ଷ ରାଜି ହେଲାପରେ ଏହି ଧର୍ମଘଟକୁ ପ୍ରତ୍ୟାହୃତ କରାଯାଇଛି। ମାଲ (ରାଖଡ) ପରିବହନ ପାଇଁ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘକୁ ଅନୁମତି ମିଳିବା ପରେ, ଏ ନେଇ ଆରଏସପି ସହ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର ରାଜିନାମା ହେବା ପାଇଁ ଜୁନ୍ ୧୪ ତାରିଖକୁ ଧାର୍ଯ୍ୟ କରାଯାଇଛି। ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର ସଭାପତି ଅଶୋକ କୁମାର ପଟ୍ଟନାୟକ ରାଜିନାମା ନେଇ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ, ଆରଏସପି ସହିତ ମାଲ ପରିବହନ ପାଇଁ ଆଲୋଚନାରେ ସମସ୍ତ କଥାବାର୍ତ୍ତା ସରିଥିବା ବେଳେ ଜୁନ୍ ୧୫ ତାରିଖରୁ ରାଖଡ ପରିବହନ ପାଇଁ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର ଟିପ୍ପର ଲାଗିବ। ଏଥିସହିତ ଦର ଧାର୍ଯ୍ୟ ପାଇଁ ଜୁନ୍ ୧୪ ତାରିଖକୁ ଦିନ ଧାର୍ଯ୍ୟ କରାଯାଇଛି। ତେଣୁ ସେପର୍ଯ୍ୟନ୍ତ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘ ପକ୍ଷରୁ ଧର୍ମଘଟକୁ ପ୍ରତ୍ୟାହୃତ କରାଯାଇଛି। ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘ ପକ୍ଷରୁ ଆଲୋଚନା ସମୟରେ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର ସଭାପତି ଅଶୋକ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ଅବନୀ ରଞ୍ଜନ ଷଡଙ୍ଗୀ, ଉପଦେଷ୍ଟା ଦେବ ପ୍ରସାଦ ମିଶ୍ର, ଉପସଭାପତି ନିରଞ୍ଜନ ମିଶ୍ର ପକ୍ଷ ରଖିଥିଲା ବେଳେ, ମାଲ ପରିବହନ କରୁଥିବା ଏସ୍ ଏସ୍ ଟ୍ରେଡିଂ ଏବଂ ସ୍ୱସ୍ତିକ୍ ଏଣ୍ଟରପ୍ରାଇଜେସ୍ ପକ୍ଷରୁ ରାକେଶ ସିଂହ, ଏଟିଟ୍ୟୁଡ୍ ଏକ୍ଜିମ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଜଗନ୍ନାଥ ଧଳ, ଟାଙ୍ଗରପାଲ୍ଲୀ ଆଇଆଇସି ନିରଞ୍ଜନ ସେଠି, ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସିଜିଏମ୍ (ପିପିସି) ସୁନୀତା ସିଂହ, ଏଚ୍‌ଓଡି ଏମ୍‌ଆରଡି ସନ୍ତୋଷ ଭୂୟାଁ ଏବଂ ସିଆଇଏସ୍‌ଏଫ୍ ଇନିସପେକ୍ଟର ଏ. କେ. ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

# ଅବକାରୀ ବିଭାଗ ପକ୍ଷରୁ ଚଢାଉ : ୨ ଗିରଫ ସହ ୯ ମାମଲା ରୁଜୁ



ରାଉରକେଲା,୧୦/୬: ଅବକାରୀ ଅଧିକ୍ଷକ ଧନେଶ୍ୱର ବରାଡଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ, ରାଉରକେଲା ଅବକାରୀ ବିଭାଗ ପକ୍ଷରୁ କାରିଛପଲ, ଅଙ୍କୁରପାଲି, ଟଙ୍କାଟୋଲୀ ଅଂଚଳରେ ଚଢାଉ ସମେତ ବୀରମିତ୍ରପୁର ଥାନା, ହାତୀବାରି ଥାନା ପୋଲିସ ଏବଂ ଏପିଆର୍ ଫୋର୍ସଙ୍କ ସହାୟତାରେ ମାଜିଷ୍ଟ୍ରେଟ ଦ୍ୱାରା ମିଳିତ ଚଢ଼ାଉ କରାଯାଇ ୨ ଗୋଟି ଦାବିଦାର ମାମଲା (କ୍ଲେମ୍ କେସ) ଏବଂ ୭ ଗୋଟି ଦାବିଦାର ନଥିବା ମାମଲା (କ୍ଲେମ୍ କେସ) ମୋଟ ୦୯ ଗୋଟି ମାମଲା ରୁଜୁ କରାଯାଇଛି । କରିଛାପଲ ଅଂଚଳରେ ମୋଟ ୨୨୦ ଲିଟର ବେଆଇନ ମହୁଲି ମଦ ଓ ୧୮,୭୨୦ କିଗ୍ରା ମହୁଲ ପୋଚ ଏବଂ ଅଙ୍କୁରପାଲି ଅଂଚଳରେ ମୋଟ ୩୦୦ ଲିଟର ବେଆଇନ ମହୁଲି ମଦ ଓ ୧୮,୮୦୦ କିଗ୍ରା ମହୁଲ ପୋଚ ଘଟଣା ସ୍ଥଳରେ ନଷ୍ଟ କରା ଯାଇଛି । ୨ ଜଣ ଆସାମୀଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଇନିସପେକ୍ଟର ମୋହନ ପଧାନ ଓ ଇନିସପେକ୍ଟର ହେମନ୍ତ ମହାନନ୍ଦିଆ, ଏସ୍‌ଆଇ ମିଳନ ତିର୍କୀ, ଏଏସ୍‌ଆଇ ବିନୋଦିନୀ ବେହେରା, ବିଦୂତ ଭୂଷଣ ଦାଶ ଓ ଯୁବରାଜ ବାଗ ଓ ଅନ୍ୟାନ୍ୟ ସହକର୍ମୀ ସାମିଲ ଥିଲେ ।

# ଜୈନ ପରିବାର ପକ୍ଷରୁ ଶ୍ୟାମ ବାବାଙ୍କ ଭଜନ କାର୍ଯ୍ୟକ୍ରମ



ରାଉରକେଲା,୧୦/୬(ନି/ପ୍ର): ମଙ୍ଗଳବାର ସନ୍ଧ୍ୟା ୭ଟାରୁ ରାଉରକେଲା ସହରର ଆବାସିକ ଅଂଚଳ ସିଭିଲ୍ ଟାଉନସିପର ଇଇ-୧୮ (ଉଉ/୧୮) ପ୍ରାଙ୍ଗଣରେ ଶ୍ୟାମ ବାବାଙ୍କ ଭଜନ ଆୟୋଜନ କରାଯାଇଥିଲା । ଶ୍ୟାମବାବାଙ୍କ ବିଶାଳ ଦରବାର ଫୁଲରେ ସଜାଯାଇଥିଲା । ଅଜିତ ଜୈନ, ବେଲା ଜୈନ, ନେମୁ ଜୈନ ଏବଂ ରାଖୀ ଜୈନ ପରିବାର ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ରାଜେଶ ଜୈନଙ୍କ ପତ୍ନୀ ଅଞ୍ଜନା ଜୈନ ଶ୍ୟାମ ବାବାଙ୍କୁ ମୁଖ୍ୟ ଆବାହକ ଭାବରେ ପୂଜା କରିଥିଲେ ଏବଂ ଏକ ଦିବ୍ୟ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ପଣ୍ଡିତଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜା କରାଯାଇଥିଲା । ଏହା ପରେ, ରାଉରକେଲା ସହରର ଶ୍ୟାମ ପ୍ରେମୀ ପରିବାରର ଭଜନ ଗାୟକମାନେ ଭଗବାନ ଗଣେଶଙ୍କୁ ପୂଜା କରି ଭଜନ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହି ଅବସରରେ, ଦରବାରକୁ ଆସିଥିବା ବାହାର ରାଜ୍ୟର ଭଜନ ଗାୟକ କୃଷ୍ଣ ଦଧିଚ ଭକ୍ତମାନଙ୍କୁ ଶ୍ୟାମ ବାବାଙ୍କ ଭଜନ ଗୋଟିଏ ପରେ ଗୋଟିଏ ଗାନ କରିଥିଲେ । ଶ୍ୟାମ ବାବାଙ୍କ ଭଜନ ଶୁଣି ଭକ୍ତମାନେ ନାଚିବା ଆରମ୍ଭ କରିଥିଲେ । ଭଜନ ସମାପ୍ତ ହେବା ପରେ, ଭକ୍ତମାନଙ୍କ ପାଇଁ ଶ୍ୟାମ ରାସୋଇ ବ୍ୟବସ୍ଥା କରାଯାଇଥିଲା । ଏହି ଭଜନ କାର୍ଯ୍ୟକ୍ରମରେ ରାଉରକେଲା ସହରର ବହୁ ପ୍ରତିଷ୍ଠିତ ବ୍ୟକ୍ତି ଏବଂ ଶ୍ୟାମ ଭକ୍ତମାନେ ସେମାନଙ୍କ ପରିବାର ସହିତ ଯୋଗଦେଇଥିଲେ ।

# ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକ ପାଇଁ ୭୫୫ଟି ନୂତନ ପଦବୀ ମଞ୍ଜୁର

ଭୁବନେଶ୍ୱର,୧୦/୬(ନି/ପ୍ର): ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜ ଓ ଚିକିତ୍ସା ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷାଦାନ ଓ ରୋଗୀସେବାକୁ ସୁଦୃଢ଼ କରିବା ପାଇଁ ମୋଟ ୭୫୫ଟି ନୂତନ ପଦବୀ ମଞ୍ଜୁର କରାଯାଇଛି । ଏହି ନିଷ୍ପତି କେବଳ ନୂତନ ପଦବୀ ସୃଷ୍ଟିରେ ସୀମିତ ନୁହେଁ; ବରଂ ରାଜ୍ୟରେ ଚିକିତ୍ସା ଶିକ୍ଷାର ଗୁଣବତ୍ତା ବୃଦ୍ଧି, ଦକ୍ଷ ଡାକ୍ତର ସୃଷ୍ଟି ଏବଂ ରୋଗୀଙ୍କୁ ଅଧିକ ଉନ୍ନତ ଓ ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ଏକ ଦୂରଦର୍ଶୀ ପଦକ୍ଷେପ । ମଞ୍ଜୁର ହୋଇଥିବା ପଦବୀଗୁଡ଼ିକ ମଧ୍ୟରେ ୭ଟି ପ୍ରଫେସର, ୩୫ଟି ଆସୋସିଏଟ ପ୍ରଫେସର, ୫୦ଟି ଆସିଷ୍ଟାଂଟ ପ୍ରଫେସର, ୨୯ଟି ଟ୍ୟୁଟର, ୨୪୮ଟି ସିନିୟର ରେସିଡେଂଟ, ୧୯୦ଟି ଜୁନିୟର ରେସିଡେଂଟ (ଏମ୍‌ବିବିଏସ୍), ୧୧୨ଟି କାଜୁଆଲଟି ମେଡିକାଲ ଅଫିସର (ସିଏମ୍‌ଓ) ଏବଂ ୮୪ଟି ବ୍ଲଡ୍ ବ୍ୟାଙ୍କ ଅଫିସର (ବିବିଓ) ପଦବୀ ରହିଛି। ଏହି ପଦବୀଗୁଡ଼ିକ ପୂରଣ ହେବା ପରେ ମେଡିକାଲ କଲେଜଗୁଡ଼ିକରେ ଶିକ୍ଷକ ଏବଂ ଚିକିତ୍ସକଙ୍କ ଉପଲବ୍ଧତା ବୃଦ୍ଧି ପାଇବ, ଯାହା ଚିକିତ୍ସା ଶିକ୍ଷା ଓ ରୋଗୀସେବା ଉଭୟ କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ପକାଇବ। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆସୁଛନ୍ତି। ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ଚିକିତ୍ସା ଶିକ୍ଷାର ଭିତିଭୂମିକୁ ଆହୁରି ମଜବୁତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏହି ୭୫୫ଟି ପଦବୀ ମଞ୍ଜୁର ହେବା ଫଳରେ ମେଡିକାଲ କଲେଜଗୁଡ଼ିକରେ ଆବଶ୍ୟକ ମାନବ ସମ୍ବଳ ବୃଦ୍ଧି ପାଇବ ଏବଂ ରୋଗୀମାନେ ଅଧିକ ଉନ୍ନତ ଚିକିତ୍ସାସେବାର ସୁବିଧା ପାଇପାରିବେ। ବିଗତ ଦିନରେ ତିନଟି ନୂତନ ମେଡିକାଲ କଲେଜରେ ଦୁଇ ଶହ ପଚାଶ ଏମବିବିଏସ ସିଟରେ ପାଠ ପଢା ବଢିଛି । ସେହିପରି ସମ୍ପ୍ରତି ପିଜି ସିଟ ବଢି ୬୮ କୁ ପହଁଚିଛି । ଫଳରେ ପ୍ରଫେସର ଏବଂ ଅନ୍ୟାନ୍ୟ ପଦବୀ ମଞ୍ଜୁର ଆବଶ୍ୟକ ଥିଲା । ଏହି ପଦବୀ ମଞ୍ଜୁର ଫଳରେ ରାଜ୍ୟ ସରକାରଙ୍କ ଏହି ନିଷ୍ପତି ଓଡ଼ିଶାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସଶକ୍ତ କରିବା ସହିତ ଆଗାମୀ ଦିନରେ ଗୁଣାତ୍ମକ ଚିକିତ୍ସା ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବ ବୋଲି ମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତ ।

### ଏସଆଇଏଚଏମ୍‌ରେ ନାମ ଲେଖାଇଲେ ୩ ଜଣ ଛାତ୍ରଛାତ୍ରୀ

ବଲାଙ୍ଗିର,୧୦/୬(ନି/ପ୍ର): ବଲାଙ୍ଗିର ଜିଲ୍ଲାରେ ରାଜ୍ୟ ହୋଟେଲ ମ୍ୟାନେଜମେଂଟ ପ୍ରତିଷ୍ଠାନ (ଏସଆଇଏଚଏମ୍) ଠାରେ ୬ମାସ ସାର୍ଟିଫିକେଟ କୋର୍ସ ପାଠ ପଢ଼ି ଶିଘ୍ର ନିଯୁକ୍ତି ମିଳିବା ପାଇଁ ପିତୃ ଓ ମାତୃହିନ ଛାତ୍ର ଛାତ୍ରୀ ମାନଙ୍କୁ ସରକାରଙ୍କ ଦ୍ୱାରା ଯଶୋଦା ଯୋଜନା ମାଧ୍ୟମରେ ନାମ ଲେଖାଇବାକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗୀର ତରଫରୁ ପଦକ୍ଷେପ ଗ୍ରହଣ କରାଯାଇଛି ।ଏହି ଅବସରରେ ଆଜି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରେ ଅବସ୍ଥାପିତ ଥିବା ଅରୁଣା ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବର୍ଗଙ୍କ ନେତୃତ୍ୱରେ ଲକ୍ଷ୍ମୀଧର ସାହୁ, ସ୍ନେହା ଜେନା ଓ ରୋହନ ସେଲମାଙ୍କର ନାମ ଲେଖାଯାଇଛି।

# ଶ୍ରୀ ଦିଲୀପ କୁମାର, ମୁଖ୍ୟ ସତର୍କତା ଅଧିକାରୀ (ସେଲ୍)ଙ୍କ ଆରଏସପି ଗସ୍ତ



ରାଉରକେଲା, ୧୦/୬(ନି/ପ୍ର): ସେଲ୍‌ର ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ଶ୍ରୀ ଦିଲୀପ କୁମାର, ସେଲ୍ ରାଉରକେଲା ଇସ୍ପାତ କାରଖାନାକୁ ଏକ ତିନିଦିନିଆ ସରକାରୀ ଗସ୍ତରେ ଆସି ଜୁନ୍ ୮ ତାରିଖ ରେ ରାଉରକେଲା ପହଚିଂଛନ୍ତି । ତାଙ୍କ ସହିତ ସେଲ୍‌ର କାର୍ଯ୍ୟକାରୀ ଇଡି (ସତର୍କତା) ଶ୍ରୀ ଜ୍ଞାନେଶ ଝା ମଧ୍ୟ ଉପସ୍ଥିତ ଥିଲେ । ରାଉରକେଲା ହାଉସ୍‌ଠାରେ ମୁଖ୍ୟ ମହାପ୍ରବନ୍ଧକ(ଏଚ୍‌ଆର) ଶ୍ରୀ ମାନସ ରଞ୍ଜନ ରଥ ତାଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ମହାପ୍ରବନ୍ଧକ (ସତର୍କତା) ଏବଂ ଅତିରିକ୍ତ ମୁଖ୍ୟ ଭିଜିଲାନ୍ସ ଅଫିସର (ଆରଏସପି) ଶ୍ରୀ ରଞ୍ଜନ ଭାରତୀ ମଧ୍ୟ ଉପସ୍ଥିତ ଥିଲେ । ତାଙ୍କ ଗସ୍ତର ଏକ ଅଂଶ ସ୍ୱରୂପ, ଶ୍ରୀ କୁମାର ଆରଏସପିର କାର୍ଯ୍ୟକଳାପ, ଆଧୁନିକୀକରଣ ପଦକ୍ଷେପ ଏବଂ ଉତ୍ପାଦନ ସୁବିଧାଗୁଡ଼ିକର ଏକ ସମୀକ୍ଷା କରିବା ପାଇଁ କାରଖାନାର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ । ଲର୍ଣ୍ଣିଂ ଆଣ୍ଡ ଡେଭେଲପମେଂଟ ସେଂଟର ମଡେଲ୍ ରୁମ୍‌ରେ ଏକ ସଂକ୍ଷିପ୍ତ ସୂଚନା ପ୍ରଦାନ ସହ ଏହି ଗସ୍ତ ଆରମ୍ଭ ହୋଇଥିଲା, ଯେଉଁଠାରେ ମୁଖ୍ୟ ମହାପ୍ରବନ୍ଧକ (ଏଲ ଆଣ୍ଡ ଡି) ଶ୍ରୀ ପି. କେ. ସାହୁ କାରଖାନାର ସୁବିଧା ସୁଯୋଗ, ଅଭିବୃଦ୍ଧିର ଧାରା ଏବଂ ଭବିଷ୍ୟତର ଯୋଜନା ବିଷୟରେ ଉପସ୍ଥାପନ କରିଥିଲେ । ଏହାପରେ ଶ୍ରୀ କୁମାର କାରଖାନାର ପ୍ରମୁଖ କାର୍ଯ୍ୟ ୟୁନିଟ୍ ଗୁଡ଼ିକ ପରିଦର୍ଶନ କରିଥିଲେ, ଯେଉଁଥିରେ ର ମ୍ୟାଟେରିଆଲ୍ ହ୍ୟାଣ୍ଡଲିଂ ପ୍ଲାଂଟ, ବ୍ଲାଷ୍ଟ ଫର୍ଣ୍ଣେସ-୫ , ଷ୍ଟିଲ୍ ମେଲ୍ଟିଂ ସପ୍-୨ , ଏବଂ ହଟ୍ ଷ୍ଟ୍ରିପ୍ ମିଲ୍-୨ ସାମିଲ ଥିଲା । କାରଖାନା ପରିଦର୍ଶନ ସମୟରେ ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ଶ୍ରୀ ବିଶ୍ୱରଞ୍ଜନ ପଲ୍ଲାଇ ତାଙ୍କ ସହ ଉପସ୍ଥିତ ଥିଲେ । ଏହି ଗସ୍ତ ସମୟରେ ସିଭିଓଙ୍କୁ ସମ୍ପୃକ୍ତ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଏବଂ ବିଭାଗୀୟ ମୁଖ୍ୟ ମାନେ ସ୍ୱାଗତ କରିଥିଲେ । ସେ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ଏବଂ ବିଭିନ୍ନ ୟୁନିଟ୍‌ରେ ଅନୁସରଣ କରାଯାଉଥିବା ବିଭିନ୍ନ କାର୍ଯ୍ୟ ଓ ପରିଚାଳନାଗତ ପଦ୍ଧତିର ସମୀକ୍ଷା କରିଥିଲେ । ଶ୍ରୀ କୁମାର ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ଙ୍କ ସଚିବାଳୟର ସମ୍ମିଳନୀ କକ୍ଷ 'ସମାଗମ' ଠାରେ ବ୍ଲାଷ୍ଟ ଫର୍ଣ୍ଣେସ ଏବଂ ହଟ୍ ଷ୍ଟ୍ରିପ୍ ମିଲ୍-୨ର ମୁଖ୍ୟ ମହାପ୍ରବନ୍ଧକ ମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ, ଯେଉଁଠାରେ କାର୍ଯ୍ୟ ସତ୍କର୍ଷତା, ବ୍ୟବସ୍ଥାର ସୁଧାର ଏବଂ ସାଂଗଠନିକ ପ୍ରଭାବଶାଳୀତା ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ ବିଚାର ବିମର୍ଶ କରାଯାଇଥିଲା । ଏହାସହିତ, ସିଭିଓ ରାଉରକେଲା ହାଉସ୍‌ଠାରେ ଖଣି ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ଏବଂ ଖଣି କାର୍ଯ୍ୟ ଓ ଏହା ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକଳାପର ସମୀକ୍ଷା ମଧ୍ୟ କରିଥିଲେ । ସେ ଯୁବ ଅଧିକାରୀଙ୍କ ସହ ଏକ ମତବିନିମୟ କାର୍ଯ୍ୟକ୍ରମ ମଧ୍ୟ କରିଥିଲେ ଏବଂ ସେମାନଙ୍କୁ ନିଜ କ୍ୟାରିୟରରେ ସାଧୁତା, ସ୍ୱଚ୍ଛତା ଏବଂ ବୃତିଗତ ଉତ୍କର୍ଷର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବାକୁ ଉତ୍ସାହିତ କରିଥିଲେ । ପରେ, କାରଖାନାର ନିର୍ବାହୀ ନିର୍ଦ୍ଦେଶକ ଓ ମୁଖ୍ୟ ମହାପ୍ରବନ୍ଧକ ମାନଙ୍କ ସହ ଏକ ସ୍ୱତନ୍ତ୍ର ଆଲୋଚନା କାର୍ଯ୍ୟକ୍ରମ ଆରଏସପିର ଭରପ୍ରାପ୍ତ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ହୋଇଥିଲା । ଅତିରିକ୍ତ ମୁଖ୍ୟ ଭିଜିଲାନ୍ସ ଅଫିସର (ଆରଏସପି) ଏବଂ ସତର୍କତା ବିଭାଗର ଟିମ୍ ସମ୍ପୂର୍ଣ୍ଣ ଗସ୍ତକ୍ରମ ର ସମନ୍ୱୟ ରକ୍ଷା କରିଥିଲେ ।